ବର୍ଷ-୨୪, ସଂଖ୍ୟା-୧୭୫
ଭୁବନେଶ୍ୱର
୨୫ ଜୁଲାଇ, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 175
Bhubaneswar
25 July, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ହସ୍ପିଟାଲରେ ଡିସଚାର୍ଜ ହେଲେ ଜାହ୍ନବୀ

# ରେଳ ପାଇଁ ଓଡ଼ିଶାକୁ ୧୦,୫୮୬ କୋଟି ଟଙ୍କା

ଭୁବନେଶ୍ୱର,୨୪।୭(ମହାଭାରତ): ୨୦୨୪-୨୫ ଆର୍ଥିକ ବର୍ଷର ସାଧାରଣ ବଜେଟରେ କେନ୍ଦ୍ର ସରକାର ଓଡ଼ିଶାରେ ରେଳ ବିକାଶ ପାଇଁ ୧୦ ହଜାର ୫୮୬ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ୨୦୦୯ରୁ ୧୪ ମଧ୍ୟରେ ଓଡ଼ିଶାକୁ ରେଳ ବଜେଟ୍ ବାବଦରେ ବାର୍ଷିକ ପ୍ରାୟ ୮୩୮ କୋଟି ଟଙ୍କା ମିଳିଥିବା ବେଳେ କେବଳ ଚଳିତ ଆର୍ଥିକ ବର୍ଷରେ ଏହାର ସାଢ଼େ ୧୨ ଗୁଣ ଅର୍ଥବରାଦ କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ରେଳ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶେଷ ଆଗ୍ରହ ଦେଖାଉଛନ୍ତି ଏବଂ ରାଜ୍ୟରେ ଜାରି ରହିଥିବା ରେଳ ପ୍ରକଳ୍ପ କାମର ସମୀକ୍ଷା କରୁଛନ୍ତି। ସେଥିପାଇଁ ଚଳିତ ବର୍ଷ ରାଜ୍ୟକୁ ରେକର୍ଡ ପରିମାଣର ରେଳ ଅନୁଦାନ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି । ରେଳ ବଜେଟ୍‌ରେ ମୋଟ ୨.୬୨ ଲକ୍ଷ କୋଟି ଟଙ୍କାର ବଜେଟ୍ ମଧ୍ୟରୁ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ରେଳ ସୁରକ୍ଷା ବ୍ୟବସ୍ଥା ପାଇଁ ବ୍ୟୟବରାଦ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ୩୧ ହଜାର ନୂଆ ଟ୍ରାକ୍ ଏବଂ ୪୦ ହଜାର କିଲୋମିଟରର ରେଳ ଧାରଣାକୁ ବିଦ୍ୟୁ ସଂଯୋଗ କରାଯାଇଛି।





- ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ୫୯ ରେଳ ଷ୍ଟେସନ ସାମିଲ୍
- ଓଡ଼ିଶାରେ ୧୦୦% ବିଦ୍ୟୁତି କରଣ ହୋଇଯାଇଛି
- ୧୪ ବର୍ଷରେ ୪୨୭ଟି ଫ୍ଲାଏଓଭର ଓ ଅଣ୍ଡରପାସ୍ କରାଯାଇଛି

ଗତ ଦଶ ବର୍ଷ ମଧ୍ୟରେ ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ସମ୍ପର୍କରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ରେଳ ମନ୍ତ୍ରୀ କହିଛନ୍ତି, ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟରେ ବାର୍ଷିକ ହାରାହାରି ୫୩ କିଲୋମିଟରର ନୂଆ ରେଳ ଲାଇନ୍ ନିର୍ମାଣ ହୋଇଥିବା ସମୟରେ ୨୦୧୪ରୁ ୨୦୨୪ ମଧ୍ୟରେ ଏହାର ୩ ଗୁଣ ଅଧିକ ଅର୍ଥାତ୍ ବାର୍ଷିକ ୧୮୩ କିଲୋମିଟରର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇଛି। କେନ୍ଦ୍ର ସରକାର ଓଡ଼ିଶାରେ ରେଳ ଲାଇନର ଶତପ୍ରତିଶତ ବିଦ୍ୟୁତିକରଣ କାର୍ଯ୍ୟ ଦ୍ରୁତ ଗତିରେ ସମ୍ପୂର୍ଣ୍ଣ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ରେଳ ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ୫୪ ହଜାର ୪୩୪ କୋଟି ଟଙ୍କା ବ୍ୟୟରେ ୪ ହଜାର ୧୭ କିଲୋମିଟରର ଲମ୍ବ ୪୦ଟି ରେଳ ଲାଇନ୍ ପ୍ରକଳ୍ପ ନିର୍ମାଣ କାମ ଜାରି ରହିଛି। ଏହାବ୍ୟତୀତ ୨୦୧୪ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪୨୭ଟି ଫ୍ଲାଇଓଭର ଏବଂ ଅଣ୍ଡର୍ ବ୍ରିଜ୍ କାମ ହୋଇଥିବା ସେ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ୫୯ଟି ଷ୍ଟେସନକୁ ଅମୃତ ଷ୍ଟେସନ ଭାବେ ବିକଶିତ କରିବା ଲାଗି କାମ ଜାରି ରହିଛି। ସେଗୁଡ଼ିକ ହେଲା : ଅନୁଗୁଳ, ବାଦାମପାହାଡ଼, ବଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ଼ ରୋଡ୍, ବାରିପଦା, ବରପାଲି, ବେଲପାହାଡ଼, ବେତନଟୀ, ଭଦ୍ରକ, ଭବାନୀପାଟଣା, ଭୁବନେଶ୍ୱର, ଭୁବନେଶ୍ୱର ନ୍ୟୁ, ବ୍ରଜରାଜନଗର, ଛତ୍ରପୁର, କଟକ, ଦାମନଯୋଡି, ଢେଙ୍କାନାଳ, ଗୁଣପୁର, ହରିଶଙ୍କର ରୋଡ୍, ହେମଗିରି, ହୀରାକୁଦ, ଯାଜପୁର-କେନ୍ଦୁଝର ରୋଡ୍, ଜଳେଶ୍ୱର, ଜରୋଳି, ଜୟପୁର, ଝାରସୁଗୁଡ଼ା ଜଙ୍କସନ୍, ଝାରସୁଗୁଡ଼ା ରୋଡ୍, କଂଟାବାଞ୍ଜି, କେନ୍ଦୁଝର ଗଡ଼, କେସିଙ୍ଗା, ଖରିଆର ରୋଡ, ଖୋର୍ଦ୍ଧା ରୋଡ୍ ଜଙ୍କସନ୍, କୋରାପୁଟ ଜଙ୍କସନ୍, ଲିଙ୍ଗରାଜ ମନ୍ଦିର ରୋଡ୍, ମଂଚେଶ୍ୱର, ମେରାମଣ୍ଡଳୀ, ମୁନିଗୁଡ଼ା, ପାନପୋଷ, ପାରଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରାଇରଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡ଼ା, ରାଉରକେଲା, ସାଖୀଗୋପାଳ, ସମ୍ବଲପୁର, ସମ୍ବଲପୁର ସିଟି, ସାରୋ, ତାଳଚେର, ତାଳଚେର ରୋଡ୍, ଟିଟିଲାଗଡ଼ ଜଙ୍କସନ୍।

## ଅଳଙ୍କାର ଗଣତିମଣତି ପାଇଁ ସରିଛି ଏସ୍‌ଓପି

ପୁରୀ, ୨୪।୭(ମହାଭାରତ): ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନ ଭଣ୍ଡାରର ଥିବା ଅଳଙ୍କାର ଗୁଡ଼ିକର ଗଣତି,ମଣତି ପାଇଁ ଏସ୍‌ଓପି ଇସ୍ୟୁ ହୋଇସାରିଛି। ଏସ୍‌ଓପି ରେ ଥିବା ମାର୍ଗଦର୍ଶିକ ଅନୁସାରେ ଆମେ କାମ କରିବୁ। ସେଥିପାଇଁ ଓଡ଼ିଶାବାସୀ ଧୈର୍ଯ୍ୟ ଧରନ୍ତୁ ଆଜି ଏପରି କହିଛନ୍ତି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ।

ଜଷ୍ଟିସ ରଥ କହିଛନ୍ତି, ରତ୍ନ ଭଣ୍ଡାରର ମରାମତି କରାଯିବ। ଏଏସ୍‌ଆଇ ଭିତର ଓ ବାହାର ରତ୍ନ ଭଣ୍ଡାରର ମରାମତି କରିବେ। ଏହାକୁ ସୁକ୍ଷ୍ମ ଭାବରେ ମରାମତି କରାଯିବ। ଏପରି ମରାମତି ହେବା ଦରକାର ଯାହା ୧୦୦ ବର୍ଷ ପାଇଁ ମରାମତିର ଆବଶ୍ୟକ ପଡ଼ିବନି। ଏଏସ୍‌ଆଇ ମରାମତି କରିବା ପରେ ସେମାନେ ଆମକୁ ହସ୍ତାନ୍ତର କରିବେ। ତା'ପରେ ରତ୍ନଭଣ୍ଡାର ଭିତରେ ଗଣତି ମଣତି କରାଯିବ। ଏସ୍‌ଓପିରେ କ'ଣ ମାର୍ଗଦର୍ଶିକା ରହିଛି ତା' ପ୍ରଶ୍ନରେ ଜଷ୍ଟିସ ରଥ କହିଛନ୍ତି, ଏସ୍‌ଓପି କନଫିଡେନ୍ସିଆଲ। ଏହା ସର୍ବସମ୍ମୁଖରେ ପ୍ରକାଶ କରାଯାଇ ପାରିବ ନାହିଁ। ଏସ୍‌ଓପିରେ କିଛି ଆବଶ୍ୟକ ରହିଲେ ଆମେ ସରକାରଙ୍କୁ ଅନୁରୋଧ କରିବୁ।

ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

# ଓଡ଼ିଶାରେ ଡ୍ରପ୍ ଆଉଟ୍ ହାର ଦେଶରେ ପ୍ରଥମ




ଭୁବନେଶ୍ୱର,୨୪।୭(ମହାଭାରତ): ରାଜ୍ୟରେ ବିଜେପି ସରକାର ସରକାର ଆସନ୍ତାକାଲି ବଜେଟ୍ ଉପସ୍ଥାପନ କରିବାକୁ ଯାଉଥିବା ବେଳେ ଆଜି ବୁଧବାର ଅପରାହ୍ଣରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି।

ଏହି ରିପୋର୍ଟରେ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଓଡିଶାର ଅର୍ଥନୀତି ୮.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ତେବେ ଶିଳ୍ପ ଓ ସେବା କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ଯୋଗୁଁ ଏହା ସମ୍ଭବ ହେଇପାରିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ଥର ଅର୍ଥାତ ଆର୍ଥିକ ବର୍ଷ ୨୦୨୨-୨୩ରେ ୭.୯ ପ୍ରତିଶତ ଥିଲା।

ଏହି ସର୍ଭେ ରିପୋର୍ଟ ଅନୁସାରେ ରାଜ୍ୟରେ ମୋଟ ଜନସଂଖ୍ୟା ହାରାହାରି ୪.୬୪କୋଟି ଆକଳନ କରାଯାଇଛି। ଯାହାକି ଗତ ୨୦୨୨-୨୩ ମସିହା ତୁଳନାରେ ପ୍ରାୟ ୨୦ଲକ୍ଷ ଅଧିକ । ରାଜ୍ୟବାସୀଙ୍କ ମୁଣ୍ଡପିଛା ବାର୍ଷିକ ଆୟ ୨୦୨୨-୨୩ରେ ୧ଲକ୍ଷ ୪୫ ୨୦୨ଟଙ୍କା ଥିବାବେଳେ ୨୦୨୩-୨୪ରେ ଏହା ବୃଦ୍ଧି ପାଇ ୧ଲକ୍ଷ ୬୧ହଜାର ୪୩୭ରେ ପହଂଚିଛି ।ଅର୍ଥାତ ବର୍ଷକରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟରେ ୧୬ହଜାର ୨୩୫ଟଙ୍କା ବୃଦ୍ଧି ହୋଇଛି। ଏହା ଭାରତର ମୁଣ୍ଡପିଛା ଆୟଠାରୁ ୧୨.୪% କମ୍। ସେହିପରି ଆର୍ଥିକ ବର୍ଷ ୨୦୧୫-୧୬ ପରଠାରୁ ଓଡିଶାର ମୁଣ୍ଡପିଛା ଆୟ ୧୨.୧ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇଥିବାବେଳେ, ୧୭ଟି ପ୍ରମୁଖ ରାଜ୍ୟ ତାଲିକାରେ ଓଡିଶା ୨୦୨୨-୨୩ରେ ୧୧ ତମ ସ୍ଥାନରେ ରହିଛି। ସେହିପରି ମୁଣ୍ଡପିଛା ବ୍ୟୟ ଗ୍ରାମାଂଚଳରେ ମାସିକ ୨୯୫୦ଟଙ୍କା ଓ ସହରାଂଚଳରେ ୫୧୮୭ଟଙ୍କା ରହିଛି।

ନୀତି ଆୟୋଗ ଅନୁଯାୟୀ ବହୁବିଧ ଦାରିଦ୍ର୍ୟ ଅନୁପାତ ୨୦୧୫-୧୬ରେ ୨୯.୩ ପ୍ରତିଶତ ଥିବାବେଳେ ୨୦୧୯-୨୧ ବେଳକୁ ଏହା ୧୫.୭ ପ୍ରତିଶତକୁ ହ୍ରାସ ପାଇଛି। ଏହି ବର୍ଷ ଭିତରେ ରାଜ୍ୟର ପ୍ରାୟ ୬୨ ଲକ୍ଷରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହେଇଛନ୍ତି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ତେବେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୩.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଶିଳ୍ପକ୍ଷେତ୍ରର ଅଭିବୃଦ୍ଧି ହାର ୮.୭ ପ୍ରତିଶତ, ସେବା କ୍ଷେତ୍ରର ଅଭିବୃଦ୍ଧି ହାର ୯.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ୨୦୧୫-୧୬ରୁ ୧୯-୨୧ ମଧ୍ୟରେ ୬୨ ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ୨୦୨୩-୨୪ରେ କୃଷି ଓ ଆନୁଷାଙ୍ଗିକ କ୍ଷେତ୍ରରେ ଅଭିବୃଦ୍ଧି ୩.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ ୨୦୨୩-୨୪ରେ ଅଭିବୃଦ୍ଧି ହାର ୮.୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ।

ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶାରେ ଆୟୁଷ ହାର ପୂର୍ବ ତୁଳନାରେ ୧୦ ବର୍ଷ ବଢ଼ିଛି । ଆୟୁଷ ବୃଦ୍ଧି ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରୁ ମିଳିଛି ତଥ୍ୟ । ସେହିପରି ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡ଼ିବା ହାରରେ ଓଡ଼ିଶା ଦେଶରେ ପ୍ରଥମ। ୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ ମାଧ୍ୟମିକ ସ୍ତରରେ ପାଠ ଛାଡ଼ିବା ହାର ୨୨.୨ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶା ଏବେ ବି ମାଧ୍ୟମିକ ସ୍ତରରେ ପାଠ ଛାଡ଼ିବା ହାରରେ ୨୭.୨୯ ପ୍ରତିଶତ ସହିତ ସର୍ବଭାରତୀୟ ସ୍ତରରେ ଶୀର୍ଷରେ ରହିଛି।

# ତୃତୀୟ ଦିନରେ ବି ବିଧାନସଭା ଅଚଳ



ଭୁବନେଶ୍ୱର,୨୪।୭(ମହାଭାରତ): ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରୁଛନ୍ତି ବିରୋଧୀ। ୩ ଦିନ ହେବ ସ୍ୱାଭାବିକ ହୋଇପାରୁ ନାହିଁ ଗୃହ। ଫଳରେ ଆଜି ତୃତୀୟ ଦିନରେ ମଧ୍ୟ ଗୃହରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁ ଆଜି ପ୍ରଥମାର୍ଦ୍ଧରେ ଗୃହରେ କୌଣସି କାର୍ଯ୍ୟ ହୋଇ ପାରି ନ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସମାଧାନର ବାଟ ଖୋଜିଥିଲେ। ହେଲେ ସର୍ବଦଳୀୟ ବୈଠକରେ ବାହାରିପାରି ନଥିଲା ନିଷ୍କର୍ଷ। ନିଜ ଜିଦ୍ରେ ଅଟଳ ରହିଥିଲେ ବିରୋଧୀ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଆଜି ଗୃହ କାର୍ଯ୍ୟ ୪ଟା ଯାଏଁ ମୁଲତବୀ ରଖିଥିଲେ ବାଚସ୍ପତି।

ଆଜି ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ନାରାବାଜି ଆରମ୍ଭ କରିଥିଲେ ବିରୋଧୀ ବିଜେଡି ଓ କଂଗ୍ରେସ୍। ପ୍ରଶ୍ନକାଳରେ ହଟ୍ଟଗୋଳ କରି ବିଜେଡି ବିଧାୟକ କକ୍ଷତ୍ୟାଗ କରିଥିଲେ। ଗୃହରେ ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗ ଉଠାଇଥିଲା ବିଜେଡି। ସେହିପରି କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିଥିଲା କଂଗ୍ରେସ। ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ପ୍ରଶ୍ନକାଳ,ଶୂନ୍ୟକାଳ ଓ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ଆଲୋଚନା ସମ୍ଭବପର ହୋଇପାରି ନଥିଲା।ୟ ହୋହଲ୍ଲା ଲାଗି ରହିବାରୁ ବାଚସ୍ପତି ଦିନ ସାଢ଼େ ୧୧ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ପରେ ବାଚସ୍ପତି ସୁରମା ପାଢ଼ୀ ୧୨ଟାରେ ସର୍ବ ଦଳୀୟ ବୈଠକ ଡାକିଥିଲେ। ହେଲେ ସେଥିରେ କୌଣସି ନିଷ୍କର୍ଷ ବାହାରି ନଥିଲା।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟକ କଳିକେଶ ସିଂହଦେଓ କହିଛନ୍ତି, ନୂଆ। ସରକାର ଡରିକି ଗୃହକୁ ସ୍ୱାଭାବିକ ଭାବେ ଚଳାଇବାକୁ ଦେଉନାହିଁ। ଗୃହ ଚାଲିଲେ ତାଙ୍କର ଅସୁବିଧା ବଢ଼ିବ। ଗୃହ କାର୍ଯ୍ୟ ସ୍ୱାଭାବିକ ହେଲେ ରାଜ୍ୟର ବିଭିନ୍ନ ଇସ୍ୟୁ ଆସିବ। ଏଥିପାଇଁ ସରକାର ଗୃହରେ କୌଣସି ବିଷୟରେ ଆଲୋଚନା କରିବାକୁ ଚାହୁଁନାହିଁହି

ସେ ଆହୁରି କହିଛନ୍ତି ଯେ, ଆମେ ଗୃହରେ ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେବୁନାହିଁ। ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିବୃତି ରଖିବା ଦରକାର। ମୁଖ୍ୟମନ୍ତ୍ରୀ ବିବୃତି ନ ଦେବା ପର୍ଯ୍ୟନ୍ତ ବିଜେଡି ସହଯୋଗ କରିବନି ବୋଲି ବିଜେଡି ବିଧାୟକ କଳିକେଶ ସିଂହଦେଓ କହିଛନ୍ତି।

ବିଜେପି ବିଧାୟକ ବାବୁ ସିଂ ବିଜେଡିକୁ କାଉଣ୍ଟର କରି ମାହାଙ୍ଗା ଡବଲ୍ ମର୍ଡର କଥା ଉଠାଇଛନ୍ତି। ସେ ପ୍ରଶ୍ନ କହିଛନ୍ତି, 'ଆଜି ଯେଉଁ କଥା କହୁଛନ୍ତି ଶାସନରେ ଥିଲା ବେଳେ କରୁ ନ ଥିଲେ କାହିଁକି ? ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ୧୩ ନଂ ମୁଦାଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ କାହିଁକି ? ଅନେକ ବିଧାୟକ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହୋଇ ଆସିଛନ୍ତି। ବିରୋଧୀ ଗୃହ ଆରମ୍ଭରୁ ହଟ୍ଟଗୋଳ କରି ଖରାପ ପରମ୍ପରା ସୃଷ୍ଟି କରୁଛନ୍ତି ବୋଲି ବାବୁ କହିଛନ୍ତି। ଗତକାଲି ମଧ୍ୟ ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରସଙ୍ଗକୁ ନେଇ ଗୃହରେ କଂଗ୍ରେସ ଓ ବିରୋଧୀ ହଟ୍ଟଗୋଳ କରିଥିଲେ। ପରେ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ।

# ନେପାଳରେ ବିମାନ କ୍ରାଶ, ୧୮ ମୃତ



କାଠମାଣ୍ଡୁ, ୨୪।୭: ଦୁର୍ଘଟଣାଗ୍ରସ୍ତ ହେଲା ଯାତ୍ରୀବାହୀ ବିମାନ। ଟେକ୍ ଅଫ୍ ବେଳେ ବିମାନରେ ଲାଗିଲା ନିଆଁ। ଏଥିରେ ୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ନେପାଳରେ ଏହି ଦୁର୍ଘଟଣା ଘଟିଛି।

ଆଜି କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୧୯ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଆରମ୍ଭ କରିଥିଲା ବିମାନ। ଉଡ଼ାଣ ବେଳେ ବିମାନଟି କ୍ରାଶ ହୋଇଯାଇଥିଲା। ଟେକ୍‌ଅଫ୍ କରିବା ବେଳେ ରନ୍‌ୱେରୁ ଖସିଯାଇଥିଲା ବିମାନ। ଏହାପରେ ବିମାନରେ ନିଆଁ ଲାଗିଥିଲା। ଏହି ଦୁର୍ଘଟଣା ପରେ ୧୮ ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି।

ସ୍ଥାନୀୟ ମିଡିଆ। ରିପୋର୍ଟ ମୁତାବକ, ଉକ୍ତ ବିମାନଟି ସୌର୍ଯ୍ୟ ଏୟାରଲାଇନ୍ସର ଥିଲା। ଏହା ଆଜି ସକାଳ ୧୧ଟାରେ ୧୯ ଜଣ ଯାତ୍ରୀଙ୍କୁ ନେଇ ବିମାନଟି ପୋଖରା ଯାଉଥିବାବେଳେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣା ସ୍ଥଳରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବିମାନବନ୍ଦରରୁ ପ୍ରବଳ ଧୂଆଁ ବାହାରିବା ସହି ରନ୍‌ୱେରେ ଭୟଙ୍କର ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି।

ବିମାନ ବନ୍ଦରେ ନିୟୋଜିତ ଜଣେ ସୁରକ୍ଷା ଅଧିକାରୀଙ୍କ କହିବା ମୁତାବକ, ବିମାନର ପାଇଲଟ ଜୀବିତ ଅଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଓ ଅଗ୍ନିଶମ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିମାନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି।

## ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର,୨୪।୭(ମହାଭାରତ):** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ବଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷଣ ହୋଇଛି। ଆଜି ଅପରାହ୍ନ ୪ଟା ୧୫ ମିନିଟ ସମୟରେ ଏହାର ବ୍ୟାବହାରିକ ପରୀକ୍ଷଣ ହୋଇଛି। ପ୍ରଥମେ ଚାନ୍ଦିପୁରର ୩ ନଂ ଲଞ୍ଚପ୍ୟାଡରୁ ପୃଥ୍ୱୀ -୨ ଉତ୍‌କ୍ଷେପଣ କରାଯାଇଥିଲା। ଏହାର କିଛି ସମୟ ପରେ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ହୋଇଥିଲା। ଏହି ପରୀକ୍ଷଣରେ ୫୦୦୦ କିଲୋମିଟର ଶ୍ରେଣୀର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରୁ ରକ୍ଷା କରିବା ପାଇଁ ଜାତିର ସ୍ୱଦେଶୀ ଦକ୍ଷତା ପ୍ରଦର୍ଶନ କରାଯାଇଛି। ଅନ୍-ବୋର୍ଡ ଜାହାଜ ସମେତ ବିଭିନ୍ନ ସ୍ଥାନରେ ଆଇଟିଆର, ଚାନ୍ଦିପୁର ଦ୍ୱାରା ନିୟୋଜିତ ଇଲେକ୍ଟ୍ରୋ-ଅପ୍ଟିକାଲ୍ ସିଷ୍ଟମ, ରାଡାର ଏବଂ ଟେଲିମେଟ୍ରି ଷ୍ଟେସନ ପରି ରେଞ୍ଜ ଟ୍ରାକିଂ ଉପକରଣ ଦ୍ୱାରା କଏଦ ହୋଇଥିବା ଫ୍ଲାଇଟ୍ ତଥ୍ୟରୁ ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତା ଉପରେ ନଜର ରଖାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟ ଏଣ୍ଡୋ-ବାୟୁମଣ୍ଡଳୀୟ କ୍ଷେପଣାସ୍ତ୍ର ହେଉଛି ଏକ ସ୍ୱଦେଶୀ ବିକଶିତ ଦୁଇଟି ପର୍ଯ୍ୟାୟ କଠିନ ଚାଳିତ ଭୂମି ଉତକ୍ଷେପଣ କ୍ଷେପଣାସ୍ତ୍ର ପ୍ରଣାଳୀ। ଯାହା ଏଣ୍ଡୋର ଉଚ୍ଚତା ବ୍ରାକେଟ୍‌ରେ ନିମ୍ନ ଏକ୍ସୋ-ବାୟୁମଣ୍ଡଳୀୟ ଅଞ୍ଚଳର ଅନେକ ପ୍ରକାରର ଶତ୍ରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିପଦକୁ ନିରପେକ୍ଷ କରିବା ପାଇଁ ଉଦ୍ଦିଷ୍ଟ। ବିଭିନ୍ନ ଡିଆରଡିଓ ଲାବୋରେଟୋରୀ ଦ୍ୱାରା ବିକଶିତ ଅନେକ ଅତ୍ୟାଧୁନିକ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା କ୍ଷେପଣାସ୍ତ୍ର ପ୍ରଣାଳୀରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ର ରାଜନାଥ ସିଂ ଆଜିର ସଫଳ ବିମାନ ପରୀକ୍ଷଣ ପାଇଁ ଡିଆରଡିଏକୁ ପ୍ରଶଂସା କରିଛନ୍ତି ଏବଂ ଏହା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତା ପ୍ରଦର୍ଶନ କରିଥିବା ଦର୍ଶାଇଛନ୍ତି।

# ଖୁବଶୀଘ୍ର କୋଷ୍ଟାଲ ହାଇୱେ ଏବଂ କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ କାମ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୭(ମହାଭାରତ):** ଓଡ଼ିଶାରେ 'କୋଷ୍ଟାଲ ହାଇୱେ' ଏବଂ କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ ପ୍ରମୁଖ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ୨୩,୮୮୨ କୋଟି ଟଙ୍କା ବ୍ୟୟରେ ୪୧୩ କିମି ଲମ୍ବ ଚାରି ଲେନ୍ ବିଶିଷ୍ଟ 'କୋଷ୍ଟାଲ ହାଇୱେ' ନିର୍ମାଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଭାରତମାଳା ପରିଯୋଜନାରେ ଏହି ପ୍ରସ୍ତାବିତ ରାଜପଥ ତିନୋଟି ସେକ୍ସନରେ ରାମେଶ୍ୱରରୁ ରତନପୁର, ରତନପୁରରୁ ଦୀଘା ଏବଂ ଜାମୁଝାଡିରୁ ଧାମରା ପର୍ଯ୍ୟନ୍ତ ନିର୍ମାଣ ହେବ । ଏଥିପାଇଁ ଡିପିଆର୍ ସହ ଆନୁଷଙ୍ଗିକ ମଞ୍ଜୁରୀ ପ୍ରାୟ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ଅଛି। ଖୁବ ଶୀଘ୍ର କୋଷ୍ଟାଲ ହାଇୱେ ନିର୍ମାଣ କାମ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୂର୍ବୋଦୟ କଳ୍ପନା ସାକାର କରିବା ଦିଗରେ ଉପକୂଳ ରାଜପଥ ଓଡ଼ିଶା ସମେତ ପୂର୍ବ ଭାରତର ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ଗେମ୍ ଚେଞ୍ଜର ହେବ। ସଡ଼କପଥ କ୍ଷେତ୍ରରେ ଓଡ଼ିଶାରେ ନୂଆ ସୂର୍ଯ୍ୟୋଦୟ ହେବ।

ସେହିପରି କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ମୋଦୀ ସରକାରରେ ସଡ଼କପଥ ଭିତ୍ତିଭୂମି ଓ ଗମନାଗମନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭାରତମାଳା ପରିଯୋଜନାରେ ଓଡ଼ିଶାରେ ୬,୦୯୨ କୋଟି ଟଙ୍କା ବ୍ୟୟରେ ୧୧୧ କିମି ବିଶିଷ୍ଟ କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆଗକୁ ବଢିଛି । ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକକୁ ସଂଯୋଗ କରୁଥିବା ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍ ପ୍ରକଳ୍ପ 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସଶକ୍ତ, ସମୃଦ୍ଧ ଏବଂ ବିକଶିତ ଓଡ଼ିଶା ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଆଜି ବିଧାନସଭାରେ ଆସିବ ବଜେଟ

ଭୁବନେଶ୍ୱର,୨୪।୭(**ମହାଭାରତ**): ଆସନ୍ତାକାଲି ଓଡିଶା ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ ହେବ। ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବଜେଟ ଆଗତ କରିବେ । ଗତ ଗୁରୁବାର ଦିନ ମନ୍ତ୍ରିପରିଷଦର ବୈଠକରେ ଆଗତ ହେବାକୁ ଥିବା ବଜେଟକୁ ଅନୁମୋଦନ ଦିଆଯାଇଥିଲା। ନୂତନ ସରକାର ପ୍ରଥମ ଥର ପାଇଁ ବଜେଟ ଆଣୁଥିବା ବେଳେ ତାର ସଂକଳ୍ପ ପତ୍ରରେ କରିଥିବା ଘୋଷଣା ଗୁଡିକୁ ପୂରା କରିବା ଚ୍ୟାଲେଂଜ ହେବ । ବିଶେଷ ଭାବେ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କ ପାଇଁ ୫୦ ହଜାର ଟଙ୍କାର କ୍ୟାସ ଭାଉଚର ଓ ଚାଷୀ ମାନଙ୍କୁ ଠାରୁ ଧାନ କ୍ରୟ କରିବାକୁ ପ୍ରତି କ୍ୱିଂଟାଲ ୩୧ ଶହ ଟଙ୍କା ପ୍ରଦାନ କରିବା ଭଳି ପ୍ରତିଶ୍ରୁତି ପାଇଁ ବଜେଟରେ ବ୍ୟବସ୍ଥା କରାଯିବ ବୋଲି ଅନୁମାନ କରାଯାଉଛି। ଏହି କାରଣରୁ ଚଳିତ ବର୍ଷର ବଜେଟର ଆକାର ବଢିବାର ସମ୍ଭାବନା ରହିଥିବା ଅନୁମାନ କରାଯାଉଛି।

# ରାଜ୍ୟରେ ନୂଆ ଶିକ୍ଷା ନୀତ ଓ ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରାଯିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୭(ମହାଭାରତ):** ଓଡ଼ିଆ ଭାଷାରେ ବିଭିନ୍ନ ପାଠ୍ୟକ୍ରମ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଢାଞ୍ଚାରେ ରାଜ୍ୟରେ ନୂଆ ଶିକ୍ଷା ନୀତି ପ୍ରଣୟନ କରାଯିବ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ୩ହଜାର ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ଡାକ୍ତର ଅଭାବ ସମସ୍ୟାକୁ ଦୂର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆଜି ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବର୍ତ୍ତମାନ ସମୟର ଅରବଶ୍ୟକତାକୁ ଅନୁଭବ କରି ରାଜ୍ୟ ସରକାର ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ ଢାଞ୍ଚାରେ ଏକ ରାଜ୍ୟସ୍ତରୀୟ ଶିକ୍ଷା ନୀତି ପ୍ରଣୟନ କରିବେ। ଉଚ୍ଚଶିକ୍ଷା ବିଶେଷକରି ଆଇନ, ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ଉପଲବ୍ଧ କରାଇବା ଏହାର ମୂଳ ଲକ୍ଷ୍ୟ ହେବ। ଏହାସହିତ ସ୍କୁଲଗୁଡ଼ିକରେ କାଉନସେଲିଂ ସେଣ୍ଟର ସ୍ଥାପନ, ୨୦୩୦ ମସିହା ସୁଦ୍ଧା ସବୁ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିଣତ କରିବା ଓ ଶିକ୍ଷକମାନଙ୍କ ପ୍ରଶିକ୍ଷଣରେ ଉନ୍ନତି ଆଣିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ସରକାରୀ ସ୍କୁଲଗୁଡ଼ିକରେ ଆର୍ଟଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ପ୍ଲାଟଫର୍ମ ସୃଷ୍ଟି କରାଯିବ । ୮୦୦ଟି ସରକାରୀ ସ୍କୁଲକୁ ପିଏମଶ୍ରୀ ବିଦ୍ୟାଳୟ ଭାବେ ବିକଶିତ କରାଯିବ।



ସରକାରୀ କ୍ଷେତ୍ରରେ ଖାଲି ପଡ଼ିଥିବା ଦେଢ଼ ଲକ୍ଷ ସରକାରୀ ପଦବୀକୁ ପୂରଣ କରାଯିବ। ଆସନ୍ତା ୨ବର୍ଷ ମଧ୍ୟରେ ୬୫ ହଜାର ସରକାରୀ ପଦବୀ ପୂରଣ ହେବ। ସେହିପରି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଆରୋଗ୍ୟ ମନ୍ଦିରରେ ପରିଣତ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଗ୍ରାମାଂଚଳ ପାଇଁ ୧୦ଲକ୍ଷ ଓ ସହରାଂଚଳ ପାଇଁ ୫ଲକ୍ଷ ଆବାସ (ଘର)ର ବ୍ୟବସ୍ଥା କରାଯାଇଛି। ଏଥିରେ ଓଡ଼ିଶାକୁ ୧୯୫୦୦କୋଟି ଟଙ୍କା ମିଳିବ ପୂର୍ବୋଦୟ ବିକାଶ ଯୋଜନାରେ ଓଡ଼ିଶାକୁ ଗତକାଲିର କେନ୍ଦ୍ର ବଜେଟରେ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ସେହିପରି ରାଜ୍ୟରେ ସେପ୍ଟେମ୍ବର ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମତିଥିରେ ତାଙ୍କ ଉପସ୍ଥିତିରେ ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ୫୦ହଜାର ଟଙ୍କା ଲେଖାଏଁ ମହିଳାମାନଙ୍କୁ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହିତ ଏସଏଚଜି ଗୋଷ୍ଠୀ ଜରିଆରେ ରାଜ୍ୟରେ ଆଗାମୀ ୩ବର୍ଷ ମଧ୍ୟରେ ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଅନ୍ନଦାତା କୃଷକ ଭାଇଭଉଣୀମାନଙ୍କ ବିକାଶ ପାଇଁ ସମୃଦ୍ଧ କୃଷକ ନୀତି ପ୍ରଚଳନ କରିବା ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଟଙ୍କା ଧାନ ସଂଗ୍ରହର ୪୮ଘଣ୍ଟା ମଧ୍ୟରେ ସରକାର ପ୍ରଦାନ କରିବେ ପୂର୍ବ ସରକାର ୧୦୦ଟଙ୍କା ବୋନସ ଦେବା ପାଇଁ ପ୍ରତିଶ୍ରୁତି ଦେଇ ପୂରଣ କଲେନି। କିନ୍ତୁ ଆମେ ୮୦୦ଟଙ୍କା ଅଧିକ ଦେଇପାରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

## ଡିସଚାର୍ଜ ପରେ ସମସ୍ୟା ବିଷୟରେ କହିଲେ ଜାହ୍ନବୀ



ଗତ ସପ୍ତାହରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର। ଦକ୍ଷିଣ ମୁମ୍ବାଇର ଏଚଏନ ରିଲାଏନ୍ସ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ବାହାର ଖାଦ୍ୟ ଖାଇବାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିବା କୁହାଯାଉଥିଲା। ୩ ଦିନ ଡାକ୍ତରଖାନାରେ ରହିବା ପରେ ଏବେ ଘରକୁ ଫେରିଛନ୍ତି ଜାହ୍ନବୀ। ଘରକୁ ଫେରିବା ପରେ ତାଙ୍କ ସହ କ'ଣ ହୋଇଥିଲା, ସେ ବିଷୟରେ ଏକ ସାକ୍ଷାତକାରରେ ଜଣାଇଛନ୍ତି ଅଭିନେତ୍ରୀ।ସେ କହିଛନ୍ତି ଯେ, ଫିଲ୍ମ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ର ପ୍ରମୋସନ ସମୟରେ ମୋତେ ବିରତି ମିଳିନଥିଲା। ମୁଁ ବିଭିଉ ସ୍ଥାନକୁ ଭ୍ରମଣ କରିବା ସହ ତିନୋଟି ଗୀତ ସୁଟ୍ କରିଥିଲି। ବର୍ତ୍ତମାନ ମୁଁ ମୋର ଚତୁର୍ଥ ଗୀତ ପାଇଁ ଅଭ୍ୟାସ କରୁଛି। ଗୋଟାଏ ମାସ ମଧ୍ୟରେ ମୁଁ ଏତେ କାମ କରିଥିବା ବେଳେ ବିଶ୍ରାମ ପାଇଁ ସମୟ ମିଳିନଥିଲା। ଏଥିପାଇଁ ହଠାତ୍ ମୋ ଦେହ ଖରାପ ହୋଇଯାଇଥିଲା। ମୁଁ ନିଜେ ଚାଲି ଚାଲି ଶୌଚାଳୟ ବି ଯାଇପାରୁନଥିଲି । ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ମୋର 'ଲିଭର ଏନଜାଇମ' ଓ 'ଲିଭର ପ୍ରୋଫାଇଲ' ବହୁତ ଖରାପ ଥିବା ଜଣାପଡ଼ିଥିଲା। ମୋତେ ବିଶ୍ରାମର ଆବଶ୍ୟକ ଥିବା ଡାକ୍ତର କହିଥିଲେ, ଯାହା ୩ଦିନ ଡାକ୍ତରଖାନାରେ ଥିବା ବେଳେ ମୋତେ ମିଳିଗଲା।

## ଶରୀର: ଈଶ୍ୱରଙ୍କ ପବିତ୍ର ନିବାସସ୍ଥାନ



ଶରୀର, ଈଶ୍ୱରଙ୍କ ପବିତ୍ର ନିବାସ ସ୍ଥାନ । ଖରାପ ଅଭ୍ୟାସ ଦ୍ୱାରା ଶରୀରରୂପୀ ମନ୍ଦିରକୁ ରୁଗ୍‌ଣ କରିବା ପ୍ରକୃତି ଦୃଷ୍ଟିରେ ବଡ଼ ଅପରାଧ । ଏହାର ଫଳସ୍ୱରୂପ ଯନ୍ତ୍ରଣା, ଅସ୍ଥିରତା, ଆସକ୍ତି, ଅଳ୍ପାୟୁ, ଆର୍ଥିକ ହାନି, ତିରସ୍କାର ଭଳି ଦଣ୍ଡ ଭୋଗିବାକୁ ପଡ଼ିଥାଏ । ଆହାର ଏବଂ ବିହାରରେ ସଂଯମତା ନରହିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଉପରେ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଶରୀର ଦୁର୍ବଳ ଏବଂ ରୋଗଗ୍ରସ୍ତ ହୋଇଥାଏ। ଶରୀରକୁ ନିରୋଗୀ ରଖିବା କଠିନ ନୁହେଁ । ସେଥିପାଇଁ ଆହାର, ଶ୍ରମ ଏବଂ ବିଶ୍ରାମରେ ସନ୍ତୁଳନ ବଜାୟ ରଖିବା ଉଚିତ । ଆଳସ୍ୟମୁକ୍ତ, ଶ୍ରମଯୁକ୍ତ ବ୍ୟବସ୍ଥିତ ଜୀବନଶୈଳୀ ନିର୍ଦ୍ଧାରଣ କରିବା କଠିନ ନୁହେଁ । ଶରୀରକୁ ମନ୍ଦିର ଭଳି ମହତ୍ତ୍ୱ ଦେବା ଉଚିତ। ସ୍ୱଚ୍ଛ, ସୁସ୍ଥ ଏବଂ ସକ୍ଷମ ଶରୀର ନିର୍ମାଣ କରିବାକୁ ନିଜ ପାଇଁ ପୂଣ୍ୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ। ଉପବାସ ଦ୍ୱାରା ସ୍ୱାଦ ଏବଂ ଅତିଆହାର ଭଳି ଦୁଷ୍ପ୍ରବୃତ୍ତି ଉପରେ ଅଧିକାର ପାଇବା ଲାଗି ପ୍ରୟାସ କରିବା ଉଚିତ୍ । ଏହାପରେ ଏହି ଶରୀରରୁ ଲାଭ ପାଇବା ସମ୍ଭବ । ଏହାକୁ ଋଷିମୁନି ଓ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ।

## ଗଜ ଉଦ୍ଧାରଣର କଥା



ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା'ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ୍ୟ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ 'ଶ୍ରୀମଦ୍ଭାଗବତ' ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମୋଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୂପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତଋଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ୍ୟ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି ! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ୍ୟ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ୍ୟ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। 'ଶ୍ରୀମଦ୍ଭାଗବତ'ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ପବିତ୍ର କୈଳାସ ମାନସରୋବର



ପୁରାଣରେ ବର୍ଣ୍ଣିତ ଅଛି- ଦେବୀ ସତୀଙ୍କ ମୃତଦେହକୁ ଧରି ପାଗଳପ୍ରାୟ ଘୂରି ବୁଲୁଥିବା ମହାଦେବଙ୍କ କ୍ରୋଧ ଶାନ୍ତ କରିବା ଲାଗି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡରେ ପରିଣତ କଲା । ଏହି ଖଣ୍ଡ ସବୁ ବିଛାଡ଼ି ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଲା । ଏହି ଖଣ୍ଡଗୁଡ଼ିକ ମଧ୍ୟରୁ ମାତା ସତୀଙ୍କ ଡାହାଣ ହାତ ଖସିପଡ଼ିଥିବା ସ୍ଥାନଟି ପବିତ୍ର କୈଳାସ ପର୍ବତ ପାଦଦେଶରେ ରହିଛି । ଏହି ସ୍ଥାନ ଏବେ ତିବ୍ବତ ସୀମା ଅଧିନ ହିମାଳୟ ପର୍ବତମାଳାର କୈଳାସ ମାନସରୋବର ନିକଟରେ ରହିଛି । ଯାହା ମାନସ ରୂପରେ ପ୍ରସିଦ୍ଧ । ଏଠାରେ ମାତା ଶକ୍ତିଙ୍କୁ ଦାକ୍ଷାୟିନୀ ରୂପରେ ପୂଜା କରାଯାଇଥାଏ । ମହାଦେବଙ୍କ ଭୈରବ ସ୍ୱରୂପ ମଧ୍ୟ ଏଠାରେ ରହିଛନ୍ତି । ଯାହାଙ୍କୁ ଅମର ନାମରେ ଆରାଧନା କରାଯାଇଥାଏ । ତେବେ ଏଠାରେ ମାତା ଶକ୍ତିଙ୍କ କୌଣସି ମନ୍ଦିର ନଥିବା ଜଣାଯାଏ । ଏକ ପ୍ରସ୍ତରରେ ମାତାଙ୍କୁ ପୂଜା କରାଯାଇଥାଏ । ପବିତ୍ର ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଏଠାରେ ମାତା ଶକ୍ତି ଓ ଭଗବାନ ଶିବଙ୍କ କୃପା ଲାଭ କରିଥାନ୍ତି । ତେବେ ଏହି ଯାତ୍ରା ପାଇଁ ଭକ୍ତମାନଙ୍କୁ ଅଶେଷ କଷ୍ଟ ଉଠାଇବାକୁ ପଡ଼ିଥାଏ । ବରଫାବୃତ ହିମାଳୟ ପର୍ବତର ବିଯୁକ୍ତ ତାପମାତ୍ରାରେ ଭକ୍ତମାନଙ୍କୁ ମାନସରୋବର ନିକଟରେ ପହଞ୍ଚିବାକୁ ହୋଇଥାଏ । ସଡ଼କ ଓ ବାୟୁପଥରେ ମାନସରୋବର ଯାତ୍ରା ସମ୍ଭବ ହୋଇଥାଏ । ମାନସରୋବର ବର୍ତ୍ତମାନ ତିବ୍ବତ୍ ସୀମାରେ ଯାଉଥିବାରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଥାଏ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ଆବେଦନ ଏବଂ ଡାକ୍ତରୀ ପରୀକ୍ଷା କରାଇବାକୁ ହୋଇଥାଏ । କୁହାଯାଏ ମାନସରୋବରରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁପରେ ତା'କୁ ଶିବଲୋକ ପ୍ରାପ୍ତି ହୁଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିବା ସମୟରେ ଏହି ସରୋବରର କଳ୍ପନା କରି ଏହାର ସୃଷ୍ଟି କରିଥିଲେ । ସେଥିପାଇଁ ଏହାକୁ ମାନସ ସରୋବର ବା ମାନସରୋବର କୁହାଯାଇଥାଏ । କୈଳାସ ମହାଦେବଙ୍କ ନିବାସସ୍ଥଳ ବୋଲି ପୁରାଣରେ ବର୍ଣ୍ଣିତ ।

## ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ



ଉପନିଷଦ୍ ଭାରତୀୟ ଧର୍ମସାହିତ୍ୟର ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଏଥିରେ ଅନେକ ଶିକ୍ଷଣୀୟ ଉପଦେଶ ଲୁଚି ରହିଛି । ଯେପରିକି କଠୋପନିଷଦ୍‌ର ଶାନ୍ତିପାଠରେ କୁହାଯାଇଛି- "ଓଁ ସହନାଭବତୁ । ସହ ନୌ ଭୁନକ୍ତୁ । ସହ ବୀର୍ଯ୍ୟଂ କରବାବହେ । ତେଜସ୍ୱୀନାଭଧୀତମସ୍ତୁ ମା ବିଦ୍ୱିଷାବହୈ ।" ଯାହାର ଅର୍ଥ ହେଉଛି ପରମାତ୍ମା ଆମ ଦୁହିଁଙ୍କୁ (ଗୁରୁ ଏବଂ ଶିଷ୍ୟ କିମ୍ବା ତୁମେ ଆଉ ମୁଁ) ଏକ ସହିତ ରକ୍ଷା କରନ୍ତୁ । ଏକ ସଙ୍ଗରେ ଆମକୁ ଉପଭୋଗ କରନ୍ତୁ । ଆମେ ସାଙ୍ଗ ହୋଇ ପରାକ୍ରମ ପ୍ରଦର୍ଶନ କରୁ । ଆମର ଅଧ୍ୟୟନ ତେଜସ୍ୱୀ ହେଉ । ଏହି ଶ୍ଳୋକ ପାଠ କରି ଭୋଜନ କିମ୍ବା କୌଣସି କାର୍ଯ୍ୟ କଲେ ସେହି କାର୍ଯ୍ୟର ପୂଣ୍ୟ ପ୍ରାପ୍ତି ହୋଇଥାଏ । କଠୋପନିଷଦ୍‌ର ଦୁଇଟି ଅଧ୍ୟାୟ ମଧ୍ୟରୁ ଗୋଟିଏ ଅଧ୍ୟାୟରେ ନଚିକେତା ଏବଂ ଯମଙ୍କ ମଧ୍ୟରେ କଥାବାର୍ତ୍ତା ରହିଛି । ଏ ଦୁହିଁଙ୍କ ଆଲୋଚନାରେ ବୌଦ୍ଧିକତାର ପରିଚୟ ମିଳିଥାଏ । ଦ୍ୱିତୀୟ ଅଧ୍ୟାୟରେ ଇନ୍ଦ୍ରିୟ, ଆତ୍ମା ଏବଂ ଗ୍ରହ-ନକ୍ଷତ୍ର ବିଷୟରେ ଏପରି କିଛି କଥା କୁହାଯାଇଛି ଯାହା ଜାଣିବା ମନୁଷ୍ୟ ପକ୍ଷେ ହିତକର ।

ପ୍ରଥମ ଅଧ୍ୟାୟରେ କୁହାଯାଇଛି ଯେଉଁ ଘରେ ବ୍ରାହ୍ମଣ ଭୋକିଲା ରହିଥାଏ, ତାହାର ସମସ୍ତ ଇଚ୍ଛା, ଅପେକ୍ଷା, ସତ୍‌ସଙ୍ଗରୁ ପ୍ରାପ୍ତ ଫଳ ସତ୍ୟବାଣୀ କହିବାର ଫଳ, ଯଜ୍ଞ ଆଦି ସମସ୍ତ ପୂଣ୍ୟଫଳ ନଷ୍ଟ ହୋଇଯାଇଥାଏ । ଯେତେ ଧନ ମିଳିଲେ ବି ମନୁଷ୍ୟ କେବେ ସନ୍ତୁଷ୍ଟ ହୋଇପାରେ ନାହିଁ । ତେଣୁ ଅସୀମିତ ଧନ ଅର୍ଜନ କରିବା ବ୍ୟର୍ଥ । ନିଜକୁ ଅଭିଜ୍ଞ ଏବଂ ପଣ୍ଡିତ ବୋଲି ଭାବୁଥିବା ଲୋକ ଅନ୍ଧକାର ମଧ୍ୟରେ ରହିଥାଏ । ସେପରି ବ୍ୟକ୍ତି ଠାରୁ ଅନ୍ୟ ଜଣେ ମାର୍ଗଦର୍ଶନ ଲାଭ କରିବା ଠିକ୍ ସେହିପରି ଯେପରି ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ମାର୍ଗଦର୍ଶନ କରୁଛି । ଏପରି ସ୍ଥିତିରେ ଦୁହେଁ ବାଟ ଭୁଲିଯାଇଥାନ୍ତି ।

ଧନ ଲୋଭରେ ବ୍ୟକ୍ତି ପ୍ରମାଦ କାରଣରୁ ସ୍ୱର୍ଗଲୋକର ମାର୍ଗକୁ ଚୟନ କରେନାହିଁ । ସେ ଭାବେ ଇହଲୋକ ବ୍ୟତୀତ ଅନ୍ୟ ଲୋକ ନାହିଁ । ଏପରି କରୁଥିବା ମୂର୍ଖ ଲୋକ ବାରମ୍ବାର ମୃତ୍ୟୁ ପ୍ରାପ୍ତି କରିଥାଏ । ଆତ୍ମା ବିଷୟରେ କିଛି ଲୋକ ଆଦୌ କିଛି କଥା ଶୁଣିନାହାନ୍ତି ଏବଂ ଶୁଣିବା ପରେ ମଧ୍ୟ ବହୁତ ଲୋକ ଆତ୍ମା ବିଷୟରେ କିଛି ଜାଣିପାରନ୍ତି ନାହିଁ । କେବଳ ବିରଳ ଲୋକମାନେ ହିଁ ଆତ୍ମାକୁ ଚିହ୍ନିବାରେ ସଫଳ ହୋଇଥାନ୍ତି ।

ସେହିପରି କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ପରମାତ୍ମା ହେଉଛନ୍ତି ଏହି ଜୀବନର ଅତୀତ-ଭବିଷ୍ୟତର ଶାସକ । ତାଙ୍କୁ ପାଖରେ ପାଉଥିବା ମନୁଷ୍ୟ ତାଙ୍କୁ ନିନ୍ଦା ନକରି ତାଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଭଳି ହୋଇଯାଇଥାଏ ।

ପରମଧାମରେ ରହୁଥିବା ପରମାତ୍ମା ଏ ଜୀବଜଗତ ଏବଂ ମହାକାଶରେ ପରିବ୍ୟାପ୍ତ । ସେ ଆହୂତି ଅର୍ଥାତ୍ ମୃତ୍ୟୁଦାତା ମଧ୍ୟ। ଅତିଥି ଏବଂ ଦେବତାଙ୍କ ଠାରେ ମଧ୍ୟ ପରମାତ୍ମାଙ୍କ ଅଂଶ ରହିଛି । ମନ ଏବଂ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିପାରୁଥିବା ଲୋକର ବୁଦ୍ଧି ସ୍ଥିର ହୋଇଯାଏ ଏହି ଅବସ୍ଥାକୁ ପରମଗତି କୁହାଯାଏ। ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ ।

ମହାଭାରତ
ନଗରନକ୍ସା ମହାନଗରର ନିଜ ଭାଷା



# ରାଷ୍ଟ୍ରୀୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମ ପରିଚାଳନା କମିଟି ବୈଠକ




**ଭୁବନେଶ୍ୱର,୨୪।୭ (ମହାଭାରତ):** ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମ ଓ ବାୟୁଗୁଣବତ୍ତାସ୍ଥିତି ସଂପର୍କିତ ୫ମ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନରେ କମିଟିର ଅଧ୍ୟକ୍ଷ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ, ଇସ୍ପାତ ଓ ଖଣି ବିଭାଗ ଦେଓରଂଜନ କୁମାର ସିଂ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଓଡ଼ିଶା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡଃ. କେ.ମୁରୁଗେସନଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ସଂପ୍ରତି କ୍ରମାଗତ ଭାବେ ନିର୍ମାଣ କାର୍ଯ୍ୟ ହେବା ଯୋଗୁଁ ତତ୍ ଜନିତ ସୃଷ୍ଟି ହେଉଥିବା ବର୍ଜ୍ୟ ପଦାର୍ଥ, ଶିଳ୍ପ କାର୍ଯ୍ୟକଳାପ ବୃଦ୍ଧି, ଯାନ ବାହାନ ଚଳାଚଳ ବୃଦ୍ଧି, ଅନିୟତ ଭାବରେ ଖୋଲା ସ୍ଥାନରେ ବର୍ଜ୍ୟ ବସ୍ତୁକୁ ଜଳାଯିବା ଏବଂ ଶୀତ ଦିନେ ପ୍ରଦୁଷଣ ସୃଷ୍ଟିକାରୀ କାରକ ଗୁଡ଼ିକ ସହଜରେ ବାୟୁରେ ନମିଶିବା ଫଳରେ ବାୟୁପ୍ରଦୁଷଣ ମାତ୍ରା ବୃଦ୍ଧି ସଙ୍ଗେ ସଙ୍ଗେ ବାୟୁର ଗୁଣବତ୍ତା ମାନର ଉନ୍ନତିରେ ବାଧକ ହେଉଛି। ଏହାକୁ ଦୃଷ୍ଟିରେ ରଖି ଭାରତରେ୨୦୧୯ ମସିହାରେ ଜାତୀୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମ (ଏନସିଏପି) ରେ ଆରମ୍ଭ ହୋଇଥିଲା ଏବଂ ଦେଶରେ ବିଭିନ୍ନ ସହରରେ ବାୟୁର ଗୁଣାତ୍ମକ ମାନ ବୃଦ୍ଧି ଏହାର ଲକ୍ଷ୍ୟ ରହିଛି। ଆଗାମୀ ୨୦୨୬ ସୁଦ୍ଧା ଭାରତରେ ବାୟୁର ଗୁଣବତ୍ତା ବୃଦ୍ଧି ଲକ୍ଷ୍ୟ ରହିଥିବା ଦେଶର ୧୩୧ଟି ସହର ମଧ୍ୟରେ ଓଡ଼ିଶାର ୭ ଟି ସହର ରହିଛି। ସେ ଗୁଡ଼ିକ ହେଲା ରାଉରକେଲା, ତାଳଚେର, ଅନୁଗୋଳ, ବାଲେଶ୍ୱର, କଳିଙ୍ଗନଗର, କଟକ ଓ ଭୁବନେଶ୍ୱର। ଏଥି ସହିତଶିଳ୍ପ ବହୁଳ ରାଜଗାଙ୍ଗପୁର,ଝାରସୁଗୁଡା, ବେଲପାହାଡ, ବଣାଇ, କେନ୍ଦୁଝର, ଅନୁଗୋଳ, କଳିଙ୍ଗନଗର, ପାରାଦ୍ୱୀପ ଭଳି ସହର ଗୁଡିକ ମଧ୍ୟ ରାଜ୍ୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ନେଇ ପ୍ରସ୍ତାବ ରହିଛି।

ରାଷ୍ଟ୍ରୀୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମ ଓ ବାୟୁର ଗୁଣବତ୍ତା ବୃଦ୍ଧି ପାଇଁ କାନପୁରରେ ଏକ ଜାତୀୟ ଜ୍ଞାନ ନେଟୱାର୍କ ବିକଶିତ କରାଯାଇଛି, ଯାହା କି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଂଶୀଦାରୀ ଅନୁଷ୍ଠାନ ଓ ସଂସ୍ଥାମାନଙ୍କ ଦକ୍ଷତା ବୃଦ୍ଧି ସହ ସମନ୍ୱୟ ରକ୍ଷା କରୁଛି। ଆମ ରାଜ୍ୟରେ ରାଜ୍ୟସ୍ତରୀୟ ପରିଚାଳନା କମିଟି, ବାୟୁର ଗୁଣାତ୍ମକ ମାନ ତଦାରଖ କମିଟି ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ରହିଛି। ବୈଠକରେ ରାଜ୍ୟରେ ବର୍ତ୍ତମାନ ଥିବା ବିଭିନ୍ନ ସହରର ବାୟୁର ଗୁଣବତ୍ତା ସ୍ଥିତି ସଂପର୍କରେ ଅନୁଧ୍ୟାନ କରାଯାଇଥିଲା। ବୈଠକରେ ଏନସିଏପି ପାଣ୍ଠି ଉପଯୋଗ ସଂପର୍କରେ ବିଶଦ୍ ଭାବେ ଉପସ୍ଥାପନ କରାଯିବା ସହ ଆଗାମୀ ୨ବର୍ଷରେ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମରେ ତଦାରଖ ବ୍ୟବସ୍ଥାକୁ କିପରି ଅଧିକ ସୁଦୃଢ଼ କରାଯିବ, ନିର୍ଦ୍ଦିଷ୍ଟ ଅଂଚଳ ଭିତ୍ତିରେ କାର୍ଯ୍ୟକ୍ରମ ଗ୍ରହଣ ଆଦି ସଂପର୍କରେ ଆଲୋଚନା କରାଯାଇ ଥିଲା। ମୁଖ୍ୟଶାସନ ସଚିବ ବିଭିନ୍ନ ସହରରେ ବାୟୁର ଗୁଣବତ୍ତାସ୍ଥିତିର ସଠିକ ଅଧ୍ୟୟନ ଏବଂ ବାୟୁର ଗୁଣବତ୍ତା ସ୍ଥିତି ଭଲ ରହିଥିବା ଦେଶର ଅନ୍ୟ ସହରର ଉତ୍ତମଅଭ୍ୟାସକୁ ଅନୁଧ୍ୟାନ କରିବା ସହ ବିଭିନ୍ନ ସହଯୋଗୀ ସଂସ୍ଥା ମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଓଡ଼ିଶାର ଏନସିଏପି ସହର ଭାବେ ଚିହ୍ନଟ ସହର ଗୁଡ଼ିକରେ ଦୀର୍ଘକାଳୀନ ସୂତ୍ରରେ ବାୟୁର ଗୁଣବତ୍ତା ବୃଦ୍ଧି ପାଇଁ ଗୁରୁତ୍ୱାରୋପ କରିଛନ୍ତି।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ପର୍ବତାରୋହୀ ବିଭାରାଣୀ

**ଭୁବନେଶ୍ୱର,୨୪।୭ (ମହାଭାରତ):** ଅନ୍ତର୍ଜାତୀୟ ପର୍ବତାରୋହୀ ସୁଶ୍ରୀ ବିଭାରାଣୀ ପାତ୍ର ମଙ୍ଗଳବାର ଦିନ ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରୁଷିଆ ଓ ୟୁରୋପର ୫୬୪୨ ମିଟର ଉଚ୍ଚରେ ଅବସ୍ଥିତ ମାଉଂଟ ଏଲବ୍ରସ ଶୃଙ୍ଗ ଆରୋହଣ ପାଇଁ ଯିବା ପୂର୍ବରୁ ବିଭାରାଣୀ ରାଜ୍ୟପାଳଙ୍କୁ ସାକ୍ଷାତ କରି ସଫଳତା ନିମନ୍ତେ ଆଶୀର୍ବାଦ ସହିତ ଆର୍ଥିକ ସହାୟତା କାମନା କରିଥିଲେ। ବିଭାରାଣୀଙ୍କୁ ରାଜ୍ୟପାଳ ଶ୍ରୀ ଦାସ ତାଙ୍କ ଦୁଃସାହାସିକ ଅଭିଯାନରେ ସଫଳତା ହାସଲ କରିବା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଅଭିଯାନ ନିମନ୍ତେ ୧ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ଏହା ପୂର୍ବରୁ ନିଜର ନିଷ୍ଠା ଓ ଅଧ୍ୟବ୍ୟସାୟ ବଳରେ ଦେଶ ବିଦେଶରେ ଅନେକ ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରି ବିଭାରାଣୀ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଭାରାଣୀ ଗତବର୍ଷ ଆଫ୍ରିକାର ମାଉଂଟ କିଲିମଞ୍ଜାର ଗିରିଶୃଙ୍ଗ ସଫଳତାର ସହିତ ଆରୋହଣ କରିଥିଲେ।



# ଜନ ବିରୋଧୀ କେନ୍ଦ୍ର ବଜେଟ : ସିଆଇଟିୟୁ

**ଭୁବନେଶ୍ୱର,୨୪।୭ (ମହାଭାରତ):** ସିଆଇଟିୟୁ, ଓଡିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଏକ ବିବୃତିରେ କହିଛନ୍ତି ଯେ, ଦେଶରେ ଦେଖା ଦେଇଥିବା ଭୟଙ୍କର ବେକାରୀ, ଖାଦ୍ୟଦ୍ରବ୍ୟର ଅସମ୍ଭାଳ ଦରବୃଦ୍ଧି, ଧନୀ ଦରିଦ୍ରଙ୍କ ମଧ୍ୟରେ ବ୍ୟାପକ ତାରତମ୍ୟ ଓ ଘରୋଇ ପୁଞ୍ଜି ବିନିଯୋଗ ହ୍ରାସ ଘଟୁଥିବା ସମୟରେ କେନ୍ଦ୍ର ବଜେଟ୍ ଅର୍ଥନୈତିକ ବିକାଶ ପାଇଁ ଧ୍ୟାନ ନଦେଇ, କେନ୍ଦ୍ରସରକାର ନିଜେ ବଂଚି ରହିବା ପାଇଁ ବ୍ୟସ୍ତ ଅଛନ୍ତି। ଏ ବଜେଟ୍ ସାଧାରଣ ଲୋକଙ୍କୁ କୌଣସି ସୁବିଧା ଦେବ ନାହିଁ। ସରକାରୀ ଆୟ ୧୪.୫% ବଢିଲେ ବି ସରକାରୀ ଖର୍ଚ୍ଚ ନବଢାଇ, ବ୍ୟୟ ବୃଦ୍ଧିକୁ ୫.୯୪%ରେ ସିମୀତ ରଖି ଅନ୍ତର୍ଜାତିୟ ମୁଦ୍ରା ପାଣ୍ଠିକୁ ସନ୍ତୁଷ୍ଟ କରିବାକୁ ଯାଇ ଜି.ଡି.ପିର ୪.୯% ନିଅଂଟ ବଜେଟ ହୋଇଛି। ମନରେଗାରେ ବ୍ୟୟ କମାଇ ଦେବା ଫଳରେ ଗ୍ରାମାଂଚଳରେ ନିଯୁକ୍ତି ବଢିବ। ଏ ବର୍ଷର ବଜେଟ୍‌ରେ ମନରେଗା ପାଇଁ ମଂଜୁର ହୋଇଥିବା ୮୬,୦୦୦ କୋଟି ଟଙ୍କାରୁ , ଗତ ୪ ମାସରେ ୪୧,୫୦୦ କୋଟି ଟଙ୍କା ବ୍ୟୟ ହୋଇଗଲାଣି।ବାକି ୪୪.୫୦୦ କୋଟି ଟଙ୍କା ଆଗାମୀ ୮ ମାସରେ ଖର୍ଚ୍ଚହେବ।

ବେକାରମାନଙ୍କୁ ନିଯୁକ୍ତି ଦେବାପାଇଁ ଯେଉଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି, ସେଥିରେ ନିଯୁକ୍ତିଦାତାମାନେ ହିଁ ଅଧିକ ଲାଭବାନ୍ ହେବେ। ଜଣେ ବ୍ୟକ୍ତିକୁ ନିଯୁକ୍ତି ଦେଲେ, ନିଯୁକ୍ତି ଦାତାଙ୍କୁ ୩ ବର୍ଷରେ ୭୨ ହଜାର ଟଙ୍କା ଦିଆଯିବ।ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ କୌଣସି ଯୋଜନା ନାହିଁ, ସେହିରି ବନ୍ଦ ହୋଇ ପଡିଥିବା ବା ରୁଗ୍ଣ ଅବସ୍ଥାରେ ଥିବା ଶିଳ୍ପକୁ ପୁନର୍ବାର ଚଳାଇବା ପାଇଁ ସରକାର କୌଣସି ଯୋଜନା ନେଇ ନାହାନ୍ତି। ପ୍ରତିମାସରେ ୧୦ଲକ୍ଷରୁ ଅଧିକ ନୂଆ ଯୁବକ, ଯୁବତୀ ଶ୍ରମ ବଜାରରେ ପ୍ରବେଶ କଲେ ହେଁ, ସେମାନଙ୍କ ସମସ୍ୟା ପ୍ରତି ସରକାର ଏ ବଜେଟରେ କିଛି କରି ନାହାନ୍ତି।ଖାଦ୍ୟଦ୍ରବ୍ୟରେ ମଧ୍ୟ ୭୦୮୨ କୋଟି ଟଙ୍କା ରିହାତି କମେଇ ଦିଆଯାଇଛି। ଏହାଯୋଗୁ ମଧ୍ୟ ଖାଦ୍ୟ ସାମଗ୍ରୀରେ ଦର ବଢିବ।ତୈଳ କ୍ଷେତ୍ରରେ ସରକାର କମାଇ ଦେବା ଯୋଗୁ ଜାଳେଣି ତେଲ ଦର ପୁଣି ବଢିବ। ଏ ବଜେଟ ଶ୍ରମ କଲ୍ୟାଣ ପାଣ୍ଠିରେ ୧୨୦୦ କୋଟି ଟଙ୍କା କମାଇବା ସହିତ ଶ୍ରମ ବଜେଟରେ ୩୦୦୦ କୋଟି ଟଙ୍କା କମାଇ ନିଆଯାଇଛି। ଗ୍ରାମାଂଚଳ ଉନ୍ନୟନ ପାଣ୍ଠିରେ ୨୦% ଖର୍ଚ୍ଚ କମାଇ ଦିଆଯିବା ସହିତ ଜାତୀୟ ସହରାଂଚଳ ଜିବୀକା ମିଶନ ପାଣ୍ଠିକୁ ୪୩% କମାଇ ଦିଆ ଯାଇଛି। ଶସ୍ୟବୀମା କ୍ଷେତ୍ରରେ ୧୫୦୦ କୋଟିଟଙ୍କା ମଧ୍ୟ କମାଇ ଦିଆଯିବାବେଳେ ସ୍ୱଚ୍ଛ ଜଳ ଯୋଜନାରେ ୧୫୦୦ କୋଟି ଟଙ୍କା କମାଇ ଦିଆଯାଇଛି।

## କାଳିଆ ଯୋଜନା ସମ୍ପର୍କରେ ବିଚାର ଚାଲିଛି

**ଭୁବନେଶ୍ୱର,୨୪।୭ (ମହାଭାରତ):** ରାଜ୍ୟରେ କାଳିଆ ଯୋଜନା ସମ୍ପର୍କରେ ଉଚ୍ଚସ୍ତରରେ ଆଲୋଚନା ଓ ବିଚାର ଚାଲିଛି। ଏହାର ନିଷ୍ପତି ହେଲା ପରେ ସମସ୍ତ ତଥ୍ୟ ବିଧାୟକଙ୍କୁ ଜଣାଇ ଦିଆଯିବ ବୋଲି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉତର ରଖିଛନ୍ତି। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ କନକବର୍ଦ୍ଧନ ସିଂହ ଦେଓ ଏହି ଉତର ରଖିଛନ୍ତି। କନକବର୍ଦ୍ଧନ ସିଂହ ଦେଓ କହିଛନ୍ତି ରାଜ୍ୟରେ କାଳିଆ ଯୋଜନାରେ ମୋଟ ୪୫ଲକ୍ଷ ୬୭ହଜାର ୫୨୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୯ ଲକ୍ଷ ୧୨ହଜାର ୧୨୨ ଜଣ ଭୂମିହୀନ କୃଷି ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଗତ ଜୁନ୍ ୧୮ ତାରିଖରେ ପ୍ରଦାନ କରାଯାଇଥିବା ପିଏମ କିସାନ ସମ୍ମାନନିଧି ଯୋଜନାର ୧୭ ତମ କିସ୍ତିରେ ରାଜ୍ୟର ୨୯ଲକ୍ଷ ୭୩ ହଜାର ୯୮୦ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।

# ୪୪ ହଜାର ବିଦ୍ୟାଳୟରେ ସାକ୍ଷରତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୪।୭ (ମହାଭାରତ):** ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ କରାଯାଉଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ସାତଦିନ ବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ମଙ୍ଗଳବାର ଏହି ସପ୍ତାହିକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଛାତ୍ରଛାତ୍ରୀଙ୍କ ମୂଳଦୁଆ ଶିକ୍ଷାକୁ ଗୁରୁତ୍ୱ ଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ (ଏଫ୍‌ଏଲ୍‌ଏନ୍ ଦିବସ) ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକଙ୍କ ପାଇଁ କର୍ମଶାଳା, ଆଲୋଚନା, ଅଧିବେଶନ ଆଦି ଆୟୋଜନ କରାଯାଇ ସହଜ ଓ ସରଳ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତାଗୁଡ଼ିକୁ ବିକଶିତ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯଥା ଗଣିତ କ୍ଲବ୍, କାହାଣୀ ପଢ଼ିବା, ଗଣିତ ଓ ସଂଖ୍ୟାକୁ ନେଇ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଖେଳ, ପିଲାଙ୍କ କଳ୍ପନା ଶକ୍ତିକୁ ବଢ଼ାଇବା ପାଇଁ କଳା ଓ ହସ୍ତଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପ, ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏଫଏଲଏନ୍ ମେଳାର ଆୟୋଜନ କରାଯାଇଥିଲା।

ତୃତୀୟ ଶ୍ରେଣୀ ପାଠ ସରିବାବେଳକୁ ପିଲାଟି ବହି ପଢ଼ିବାରେ ସକ୍ଷମ ହେଉଥିବ ଏବଂ ଗାଣିତିକ ପ୍ରଣାଳୀର ବ୍ୟବହାରକୁ ମଧ୍ୟ ସଠିକ୍ ଭାବରେ ବୁଝିପାରୁଥିବ, ଏହା ହିଁ ଏଫ.ଏଲ.ଏନ୍‌ର ମୂଳ ଉଦ୍ଦେଶ୍ୟ। ୨୦୨୭ ମସିହା ସୁଦ୍ଧା ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଏଫ୍.ଏଲ୍.ଏନ୍‌କୁ ସଫଳ କରିବା ପାଇଁ ନୂତନ ଶିକ୍ଷା ନୀତି-୨୦୨୦ରେ ଗୁରୁତ୍ୱ ଦିଆଯାଇଛି। ଶପଥ ପାଠ, ପ୍ରଦର୍ଶନୀ, ଏକକ୍ତ ଷ୍ଟଲ, ଗଳ୍ପ କଥନ, ଗୀତ ମାଧ୍ୟମରେ ଶିକ୍ଷାଦାନ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ, ଗୋଷ୍ଠୀ ସହଯୋଗିତା, ଶ୍ରେଣୀ କାର୍ଯ୍ୟ ପଦର୍ଶନ, ଶ୍ରେଣୀ ଶିକ୍ଷାରେ ଯାଦୁ ପେଡ଼ିର ବ୍ୟବହାର ଇତ୍ୟାଦି ଉପରେ ବିଭିନ୍ନ କାର୍ଯ୍ୟକ୍ରମ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ କରାଯାଇଥିଲା।୪୪ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି।

# ବିଜେଡି ନେତା ଅହଂକାର ଛାଡ଼ି ଲୋକଙ୍କ ମତକୁ ସମ୍ମାନ ଦିଅନ୍ତୁ

**ଭୁବନେଶ୍ୱର,୨୪।୭ (ମହାଭାରତ):** ବିଜେଡି ହାରିଯାଇଥିଲେ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁନାହିଁ। ଲୋକେ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ମଧ୍ୟ ସେ କ୍ଷମତାରେ ରହିଛି ବୋଲି ମନେ ମନେ ଭାବୁଛି। ଏହାର ଉଦାହରଣ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀସାଗରଠାରେ ଏକ ଶ୍ମଶାନ ପ୍ରକଳ୍ପକୁ ପରାଜିତ ହୋଇଥିବା ବିଜେଡି ନେତା ଅଶୋକ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏପରିକି ଫଳକରେ ମୁଖ୍ୟ ଅତିଥିଭାବେ ତାଙ୍କ ନାମ ମଧ୍ୟ ରହିଛି। ଏହା ଜନ ବିରୋଧୀ ଓ ସମ୍ବିଧାନର ବିରୁଦ୍ଧାଚରଣ କରୁଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖ୍ୟପାତ୍ର ଦିଲୀପ ମଲ୍ଲିକ କହିଛନ୍ତି। ଶ୍ରୀ ମଲ୍ଲିକ କହିଛନ୍ତି ଯେ, ବିଜୁ ଜନତା ଦଳ ଏବେ ବି କ୍ଷମତା ଲୋଭରେ ରହିଛି। ସାଧାରଣ ନିର୍ବାଚନରେ ପରାଜିତ ହେବା ପରେ ବି କ୍ଷମତା ଅହଂକାରରେ ବୁଡ଼ି ରହିଛି। ଜଣେ ପରାଜିତ ନେତାଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ କରାଯିବା ସମ୍ବିଧାନର ବିରୁଦ୍ଧାଚରଣ କରୁଛି। ୨୪ ବର୍ଷ ସରକାରରେ ଥିବା ବିଜେଡିର ନେତା ଶ୍ରୀ ପଣ୍ଡାଙ୍କୁ ସରକାରୀ ନିୟମ ନିଶ୍ଚୟ ଜଣାଥିବ। ପ୍ରକଳ୍ପର ଯେତେବେଳେ ଉଦ୍‌ଘାଟନ ହୁଏ ବା ଶିଳାନ୍ୟାସ ହୁଏ ତା'ର ସ୍ୱତନ୍ତ୍ର ବିଧିବିଧାନ ରହିଛି। ଏହାକୁ ଜଣେ ନିର୍ବାଚିତ ପ୍ରତିନିଧି ଉଦ୍‌ଘାଟନ କରିବା କଥା। ମାତ୍ର ପଣ୍ଡା କୌଣସି ନିର୍ବାଚିତ ପ୍ରତିନିଧି ନ ହୋଇ ପ୍ରକଳ୍ପ ଉଦ୍‌ଘାଟନ କରି ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରିଛନ୍ତି। ଉକ୍ତ ପ୍ରକଳ୍ପକୁ ଯେଉଁଭଳି ଭାବେ ଉଦ୍‌ଘାଟନ କରାଯାଇଛି, ତାହା ବିଜୁ ଜନତା ଦଳର କାର୍ଯ୍ୟକ୍ରମ ଭଳି ଲାଗୁଛି। ସରକାରୀ ପ୍ରକଳ୍ପ ଉଦ୍‌ଘାଟନ ସମୟରେ ଯେଉଁ ବ୍ୟାନର ଲଗାଯାଇଛି ତାହା ବିଜୁ ଜନତା ଦଳର ଦଳୀୟ କାର୍ଯ୍ୟକ୍ରମ ଭଳି ଲାଗୁଛି। ବ୍ୟାନରରେ ନବୀନ ବାବୁଙ୍କ ଫଟୋ ରହିବା ଆଉ ଏକ ହାସ୍ୟାସ୍ପଦ ଘଟଣା। ଏଭିଳି ଅସାମ୍ବିଧାନିକ କାର୍ଯ୍ୟକ୍ରମକୁ ଲୋକେ ବିରୋଧ କରିବା ଆରମ୍ଭ କଲେଣି। ତେଣୁ ବିଜେଡି ନେତା ଅହଂକାର ଛାଡ଼ି ଲୋକଙ୍କ ମତକୁ ସମ୍ମାନ ଦିଅନ୍ତୁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭୁବନେଶ୍ୱର ମଧ୍ୟର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଇରାକରେ ଫସିଥିବା ଓଡିଆଙ୍କୁ ଉଦ୍ଧାର ପାଇଁ ବୈଜୟନ୍ତଙ୍କ ହସ୍ତକ୍ଷେପ

**ଭୁବନେଶ୍ୱର,୨୪।୭ (ମହାଭାରତ):** ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଇରାକରେ ଫସିଥିବା ଓଡିଆ ଯୁବକ ବିମଳ ରଣଜିତଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ନିବେଦନ କରିଛନ୍ତି। ପୁରୀ ଜିଲ୍ଲାର ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବେଢାତଣ୍ଡୁଳ ଗ୍ରାମର ସ୍ୱର୍ଗତ ବିଜୟ ରଣଜିତଙ୍କ ସାନପୁଅ ବିମଳ ଫେବୃଆରୀ ୨୦୨୪ରୁ ଇରାକର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ୨୫ ଜୁନ ୨୦୨୪ ରୁ ବିମଳ ସେଠାରେ ଅସୁସ୍ଥ ହୋଇପଡିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଉତମ ଚିକିତ୍ସା ସେବା ଯୋଗାଇ ଦେଉନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ବିମଳଙ୍କ ଭିସା ଅବଧି ୨୩ ଜାନୁଆରୀ ୨୦୨୪ ରୁ ସାରିଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଭିସା ନବୀକରଣ ନକରାଇ ୪ ମାସର ଦରମା ନଦେଇ ଶାରୀରିକ ନିର୍ଯ୍ୟାତନା ଦେବାସହ ବିଭିନ୍ନ କାମରେ ନିୟୋଜିତ କରିଛନ୍ତି। ଶେଷରେ ପରିବାର ଲୋକ ବିମଳଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ।

# କିମ୍ସରେ ୧୦ଦିନ ଶିଶୁର ସଫଳ ହୃଦ୍ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୪।୭ (ମହାଭାରତ):** କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍‌ସେସ୍(କିମ୍ସ)ର ଡାକ୍ତରମାନେ ଜନ୍ମଜାତ ହୃଦରୋଗର ଶିକାର ଜଣେ ୧୦ଦିନର ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି। କିମ୍ସର ନବଜାତ ଶିଶୁରୋଗ ବିଭାଗ, ହୃଦରୋଗ ଏବଂ ହୃଦରୋଗ ନିଶ୍ଚେତକ ବିଭାଗ ଡାକ୍ତରଙ୍କ ସମନ୍ୱିତ ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇଛି। ୨.୨ କିଲୋଗ୍ରାମ ଓଜନ ଥିବା ଶିଶୁଟି ଜନ୍ମଜାତ ହୃଦରୋଗ ସନ୍ଦେହରେ ରେଫର ହୋଇ କିମ୍ସକୁ ଆସିଥିଲା। ଶିଶୁଟି ଜନ୍ମରୁ ଅକ୍ସିଜେନ୍ ଆବଶ୍ୟକ କରୁଥିଲା ଏବଂ ତାର ଅକ୍ସିଜେନ୍ ସ୍ତର କ୍ରମାଗତ ଭାବେ କମ୍ ରହୁଥିଲା। ଶିଶୁଟି ହସ୍ପିଟାଲ୍‌କୁ ଆସିବା ବେଳେ ଅକ୍ସିଜେନ୍ ସପୋର୍ଟ ଓ ଔଷଧ ପ୍ରୟୋଗ ସତ୍ତ୍ୱେ ତାର ଅକ୍ସିଜେନ୍ ସାଚ୍ୟୁରେସନ୍ ୭୦ ପ୍ରତିଶତରୁ କମ୍ ରହୁଥିଲା। ଶିଶୁଟିର ସେକେଣ୍ଡ ହାର୍ଟ ସାଉଣ୍ଡ ସିଙ୍ଗୁଲାର ଥିବାବେଳେ କ୍ରମାଗତ ଭାବେ ଅସ୍ୱାଭାବିକ ଶବ୍ଦ ହେଉଥିବା ଜଣାପଡ଼ିଥିଲା। ପୁନର୍ବାର ଛାତି ଏକ୍ସ-ରେ ଏବଂ ଇକୋ-କାର୍ଡିଓଗ୍ରାଫିରୁ ଶିଶୁଟିର ପଲ୍‌ମୋନାରୀ ଆଟ୍ରେସିଆ ସ୍ଥିତି ଜଣାପଡ଼ିଥିଲା। ଏଥିରେ ଉଭୟ ଫୁସ୍‌ଫୁସ୍‌କୁ ରକ୍ତ ସଞ୍ଚାଳନ ଗମ୍ଭୀର ଭାବେ ବାଧିତ ହୋଇଥାଏ। ଏଭଳି ସମସ୍ୟା ଥିବା ଶିଶୁଙ୍କ କ୍ଷେତ୍ରରେ ଯଦି ସେମାନଙ୍କ ଫୁସ୍‌ଫୁସ୍‌କୁ ପେଟେଣ୍ଟ ଡ଼କ୍‌ଟସ୍ ଆର୍ଟେରିଓସସ୍(ପିଡ଼ିଏ) ଭଳି ଅତିରିକ୍ତ ରକ୍ତ ସଞ୍ଚାଳନ ରହିଥାନ୍ତା ତେବେ ସେମାନଙ୍କ ଜୀବନ ରକ୍ଷା ହୋଇପାରନ୍ତା। କିନ୍ତୁ ପ୍ରାକୃତିକ ଭାବେ ହେଉଥିବା ଏହି ସଂଯୋଗ ସାଧରଣତଃ ଜନ୍ମର ତୁରନ୍ତ ବାଦ୍ ବନ୍ଦ ହୋଇଯାଇଥାଏ। ତେବେ ଏଥିପାଇଁ ବ୍ଲାଲକ୍-ଟାସିଂଗ୍ (ବିଟି) ସଣ୍ଟ ଭଳି ଅନେକ ସର୍ଜିକାଲ୍ ବିକଳ୍ପ ରହିଛି। କିନ୍ତୁ ଏ କ୍ଷେତ୍ରରେ ବିଶେଷକରି ୨.୫ କିଲୋଗ୍ରାମ ଓଜନରୁ କମ୍ ଓଜନର ନବଜାତ ଶିଶୁଙ୍କ ପାଇଁ ଏସବୁ ସର୍ଜିକାଲ୍ ବିକଳ୍ପ କାର୍ଯ୍ୟକାରୀ କରିବାରେ ଅଧିକ ବିପଦ ଆଶଙ୍କା ରହିଥାଏ। କିମ୍ସ ହସ୍‌ପିଟାଲ୍‌ର ନବଜାତଶିଶୁ ବିଭାଗ ସମେତ ଡା. ଆଶିଷ ରଞ୍ଜନ ମହାକୁଡ଼ଙ୍କ ନେତୃତ୍ୱରେ ଶିଶୁ ହୃଦରୋଗ ଟିମ୍ ଓ ହୃଦ୍ ନିଶ୍ଚେତକ ବିଶେଷଜ୍ଞ ଡ଼ା. ଅଶୋକ ବଡ଼ମାଳି କେସ୍‌ଟିର ଟିକିନିଖି ତର୍ଜମା କରି ଶିଶୁଟିର ହୃତପିଣ୍ଡରେ ବନ୍ଦ ହେବାକୁ ଯାଉଥିବା ପ୍ରାକୃତିକ ସଂଯୋଗ ଡ଼କ୍‌ଟସ୍ ଆର୍ଟିରିଓସସକୁ ଡାଇଲେଣ୍ଟି କରି ଷ୍ଟେଣ୍ଟ ଲଗାଇଥିଲେ। ଏହି ପ୍ରକ୍ରିୟା ପରେ ଶିଶୁର ଅକ୍ସିଜେନ୍ ସ୍ତରରେ ଆଶାତୀତ ସୁଧାର ଆସିଥିଲା ଏବଂ ଅକ୍ସିଜେନ ସ୍ତର ୯୦ ପ୍ରତିଶତକୁ ବଢ଼ିଥିଲା।

## ବେଦାନ୍ତ ପକ୍ଷରୁ ସ୍ୱେଚ୍ଛାସେବୀ ସପ୍ତାହ ଅଭିଯାନ

**ଭୁବନେଶ୍ୱର,୨୪।୭ :** ବେଦାନ୍ତ ସେସା ଗୋଆର ଏକ ଅଗ୍ରଣୀ ଡିଭିଜନ ବେଦାନ୍ତ ସେସା ଲୁହାପଥର ଓଡିଶା କର୍ମଚାରୀ ସ୍ୱେଚ୍ଛାସେବୀ ସପ୍ତାହ ୨୦୨୪-୨୫ର ନୂତନ ସଂସ୍କରଣ ଆରମ୍ଭ କରିଛି। ଏହି ସ୍ୱେଚ୍ଛାସେବୀ ଅଭିଯାନ ମାଧ୍ୟମରେ, କମ୍ପାନୀ ପକ୍ଷରୁ ସେବା ପ୍ରଦାନ କରାଯାଉଥିବା ସ୍ଥାନୀୟ ଗୋଷ୍ଠୀଗୁଡିକ ପାଇଁ ସ୍ଥାୟୀ ଲାଭ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହା ଅନ୍ତର୍ଗତ ପ୍ରତ୍ୟେକ ଛୋଟ କାର୍ଯ୍ୟ ଯେପରି ସକାରାତ୍ମକ ପରିବର୍ତନର ଏକ ବଡ଼ ପରିବେଶ ସୃଷ୍ଟିରେ ସହାୟକ ହୋଇପାରିବ ତାହା କମ୍ପାନୀର ଲକ୍ଷ୍ୟ ରହିଛି। ଏହା ସମାଜକୁ 'ଫେରାଇବା' ବେଦାନ୍ତର ଆଦର୍ଶକୁ ବିକଶିତ କରିବ।

କର୍ମଚାରୀ ସ୍ୱେଚ୍ଛାସେବୀ ସପ୍ତାହ ବେଦାନ୍ତର ବିଶ୍ୱାସକୁ ସୂଚିତ କରେ ଯେ କର୍ପୋରେଟ ଦାୟିତ୍ୱ ବ୍ୟବସାୟିକ କାର୍ଯ୍ୟକଳାପ ତୁଳନାରେ ବିସ୍ତାରିତ ଭାବେ ଏକ ସକାରାତ୍ମକ ସାମାଜିକ ପ୍ରଭାବ ପକାଇବା ଉପରେ ଗୁରୁତ୍ୱାରୋପ କରିଥାଏ। ସପ୍ତାହବ୍ୟାପୀ, କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଏହା ଅନ୍ତର୍ଗତ ବେଦାନ୍ତର 'ନନ୍ଦ ଘର' ଅଭିଯାନ ଦ୍ୱାରା ଅଙ୍ଗନୱାଡିରେ ପିଲାମାନଙ୍କ ସହ ଯୋଗାଯୋଗ କରିବା ସହ ମହିଳା ଏବଂ ଶିଶୁମାନଙ୍କୁ ପୁଷ୍ଟିକର ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବ। ସ୍ଥାନୀୟ ଗୋଷ୍ଠୀଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ କର୍ମଚାରୀ ସ୍ୱେଚ୍ଛାସେବୀମାନେ ନୂଆଗାଁ ଉଚ୍ଚ ବିଦ୍ୟାଳୟରେ 'ମାସିକ ଋତୁସ୍ରାବର ସ୍ୱଚ୍ଛତା' ବାର୍ତା ପ୍ରସାର କରିବେ। ବାଳିକାମାନଙ୍କ ପାଇଁ କୋଇଡା ଡିଗ୍ରୀ କଲେଜରେ ଏକ ଆତ୍ମରକ୍ଷା କର୍ମଶାଳା ଯୁବତୀଙ୍କୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦକ୍ଷତା ପ୍ରଦାନ କରିବ।

# ଓଡ଼ିଆ ସାହିତ୍ୟକୁ ସାତକଡ଼ି ହୋତାଙ୍କ ଅବଦାନ ଅବିସ୍ମରଣୀୟ




**ଭୁବନେଶ୍ୱର,୨୪।୭ (ମହାଭାରତ):** ସାତକଡ଼ି ହୋତାଙ୍କ ଓଡ଼ିଆ ସାହିତ୍ୟକୁ ସାରସ୍ୱତ ସୃଷ୍ଟି, ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ସାମ୍ବାଦିକତା ପାଇଁ ଅବଦାନ ତାଙ୍କୁ ଅମର କରି ରଖିବ ବୋଲି 'ସାତକଡ଼ି ହୋତା ସ୍ମୃତି ସଂସଦ' ଆନୁକୂଲ୍ୟରେ ଆୟୋଜିତ ସଭାରେ ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। 'ଓଡ଼ିଶା ଲେଖକ ସମବାୟ ସମିତି' ସଭାଗୃହରେ ଅନୁଷ୍ଠିତ ସଭାରେ ସାତକଡ଼ି ହୋତାଙ୍କ ଅବଦାନକୁ ଉଲ୍ଲେଖ କରି କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ନନ୍ଦ ୬୦ରୁ ଉର୍ଦ୍ଧ୍ୱ ତାଙ୍କର ସମସ୍ତ ରଚନାବଳୀକୁ ନେଇ ଗ୍ରନ୍ଥାବଳୀ ପ୍ରକାଶ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସାତକଡ଼ି ହୋତା 'ସମୟ' ଖବର କାଗଜର ୧୯୯୬ ମସିହାଠାରୁ ପ୍ରକାଶନ ଆରମ୍ଭରୁ ୨୦୨୪ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ସମ୍ପାଦକ କାର୍ଯ୍ୟ ନିର୍ବାହ କରିଥିବାରୁ ତାଙ୍କ ଲିଖିତ ସମ୍ପାଦକୀୟର ମୁଖ୍ୟାଂଶକୁ ନେଇ ଗୋଟିଏ ପୁସ୍ତକ ରଚନା କରିବା ପାଇଁ ଉପଦେଷ୍ଟା ପୀତବାସ ରାଉତରାୟ ପ୍ରସ୍ତାବ ଦେଇଥିଲେ। ତାଙ୍କର ଆଗାମୀ ଅକ୍ଟୋବର ମାସର ଜନ୍ମତିଥିରେ ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରି ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସାତକଡ଼ି ହୋତା ସଂଗଠନ କ୍ଷେତ୍ରରେ 'ଭୁବନେଶ୍ୱର ପୁସ୍ତକମେଳା'ର ପ୍ରତିଷ୍ଠାତା, 'ଓଡ଼ିଶା ଲେଖକ ସମବାୟ ସମିତି' ଓ 'ଲେଖକ ସାମ୍ମୁଖ୍ୟ'ର ଦୀର୍ଘଦିନ ଧରି ସଭାପତି, 'ମୁକ୍ତ ଚିନ୍ତନ ମଞ୍ଚ' ଓ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ପ୍ରତିଷ୍ଠାତା ସଭାପତି ତଥା 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସଭାପତି ପଦରେ ଥାଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କ ସ୍ମୃତିରେ 'ସାତକଡ଼ି ହୋତା ସ୍ମୃତି କମିଟି' ତରଫରୁ ବିଭିନ୍ନ ସଂଗଠନଙ୍କ ସହଯୋଗରେ ବର୍ଷବ୍ୟାପୀ ତାଙ୍କର ସ୍ମୃତିରେ ସାହିତ୍ୟ ସଭା ଆୟୋଜନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ମୃତିସଭାରେ ଡକ୍ଟର ଆରତୀ କର, ବିରଜା ପ୍ରସାଦ ଶତପଥୀ, ଲଡୁକିଶୋର ପଢ଼ିଆରୀ, କନ୍ୟା ସୌମ୍ୟା ରଥ ଓ ଜାମାତା ଇଂ. ଅଶୋକ ରଥ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରୁ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## କୋଷ୍ଟା କଫିର ଭାରତୀୟ ପ୍ରଦର୍ଶନକାରୀ ପ୍ୟାରିସ ଅଲିମ୍ପିକ୍ସରେ ଝଲକ ପ୍ରଦାନ କରିବେ

**ଭୁବନେଶ୍ୱର,୨୪।୭ :** କୋଷ୍ଟା କଫି ଅଲିମ୍ପିକ ଗେମ୍ସ ପ୍ୟାରିସ ୨୦୨୪ରେ ଅଫିସିଆଲ କଫି ସହଯୋଗୀ ହେବା ପାଇଁ ଆବେଗର ସହିତ ଚାହିଁ ରହିଛି, ଯାହାକି ଏହାର ଭାରତୀୟ ସ୍ୱାଦକୁ ବିଶ୍ୱସ୍ତରରେ କଫି ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ସ୍ତମ୍ଭ ପ୍ରତିଷ୍ଠା ସହିତ ସମସ୍ତଙ୍କର କେନ୍ଦ୍ରବିନ୍ଦୁ ହୋଇପାରିବ। ୬ଟି କିଓସ୍କ ସହିତ, ୧୧୦ଟି ସ୍ୱୟଂକ୍ରିୟ ପାକ୍ଟୋମେସିନ ତଥା ୬ଟି ଦେଶରୁ ପ୍ରାୟ ୧୩୦ଟି କୋଷ୍ଟା କଫି ଦଳ ସଦସ୍ୟମାନେ ଗରମାଗରମ ଏବଂ ଥଣ୍ଡା ମୃଦୁ ପାନୀୟର ଏକ ଅସାଧାରଣ ଅଭିଜ୍ଞତା ସମଗ୍ର ପ୍ୟାରିସର ୭ଟି ଆୟୋଜନ ସ୍ଥଳୀରେ ଉପସ୍ଥିତ ଫ୍ୟାନ ତଥା ଖେଳାଳୀମାନଙ୍କୁ ଏକ ଅପୂର୍ବ ସ୍ୱାଦର ଆନନ୍ଦ ପ୍ରଦାନ କରିବ। ସହଯୋଗୀତାର ଏଭଳି ଅଂଶବିଶେଷ ଭାବରେ, କୋଷ୍ଟା କଫି ୩ଜଣ ଅସାଧାରଣ ପ୍ରଦର୍ଶନକାରୀଙ୍କୁ ଉପସ୍ଥାପନ କରିବ ସେମାନେ ହେଲେ - ଅମୀର ଫଏଜ୍, ମଲ୍ଲିକା ତ୍ରିପୁରା ତଥା ଅଭିଷେକ କୁମାର। ଏହି ତିନି ବିଚକ୍ଷଣ ବ୍ୟକ୍ତିତ୍ୱ ସେମାନଙ୍କର ଅବିରତ କଠିନ ପ୍ରଶିକ୍ଷଣ ସହିତ କୌଶଳକୁ ଆହୁରି ଅଧିକ ମାର୍ଜିତ କରିବା ସହିତ, କୋଷ୍ଟା କଫିର ଦଳଗତ କାର୍ଯ୍ୟ ତଥା ଦକ୍ଷତା ପ୍ରତିପାଦନର ପ୍ରଚେଷ୍ଟାରେ ନିଜକୁ ହଜାଇ ଦେଇଛନ୍ତି। ଦଳର ସଦସ୍ୟମାନେ ନିରବଚ୍ଛିନ୍ନ ଭାବରେ ଆୟୋଜିତ ସ୍ଥଳୀରେ କଫି ପ୍ରସ୍ତୁତି ଉପରେ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଖେଳାଳୀ ତଥା ଦର୍ଶକ ମାନଙ୍କ ମଧ୍ୟରେ ପ୍ରଦାନ କରିବାର କାର୍ଯ୍ୟକୁ ସୁନିଶ୍ଚିତ କରିବେ। ଅଲମ୍ପିଆଡ଼ ଆବେଗକୁ ଆଉ ଟିକେ ଆଗକୁ ନେଇଯାଇ, କୋଷ୍ଟା କଫି ଦଳର ସଦସ୍ୟମାନେ ଆୟୋଜିତ ଏହି ଭବ୍ୟ ସମାରୋହରେ ଅବିଶ୍ୱସନୀୟ ଭାବରେ ଏଥିରେ ମଶାଲ ଧାରକର ସୁଯୋଗ ପାଇବାକୁ ଯାଉଛନ୍ତି।

# ହାଥରସ ଦଳାଚକଟା

ହାଥରସରେ ଯାହା ଘଟିଲା ତାହା ଅତ୍ୟନ୍ତ ମର୍ମନ୍ତୁଦ ଏବଂ ଦୁଃଖଦାୟକ। ଦଳାଚକଟାରେ ଏତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇବା କ୍ୱଚିତ ଦେଖାଯାଇଥାଏ। ଅନେକ ସମୟରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଅତ୍ୟଧିକ ହେଲେ ଏଭଳି ଘଟଣା ଦେଖାଯାଇଥାଏ। ୧୯୯୩ ନଭେମ୍ବରରେ ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ବେଳେ ଏଭଳି ଏକ ଦୁଃଖଦାୟକ ଘଟଣା ଘଟିଥିଲା। ସେହିପରି ବାରିପଦାରେ ନିଗମାନନ୍ଦ ଭକ୍ତଙ୍କ ପକ୍ଷରୁ ଏଭଳି ସତସଙ୍ଗ ବେଳେ ଅଗ୍ନିକାଣ୍ଡରୁ ବହୁ ଲୋକଙ୍କ ଜୀବନ ହାନୀ ହୋଇଥିଲା। ଇସଲାମ ଧର୍ମର ଏକ ପବିତ୍ର ପୀଠ ମକ୍କାରେ ମଧ୍ୟ ଅତୀତରେ ଏଭଳି ଦଳାଚକଟାରେ ଅନେକ ପ୍ରାଣ ହରାଇଥିବାର ନଜିର ରହିଛି। ତେବେ ହାଥରସରେ ଏତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇବା ଦୁର୍ଭାଗ୍ୟଜନକ ଏବଂ ଚିନ୍ତାଜନକ। ଦଳାଚକଟାରେ ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା ଓ ଶିଶୁ। ଅଧିକାଂଶ ଏଭଳି ଘଟଣାରେ ମହିଳା ଓ ଶିଶୁମାନେ ଅଧିକ ସଂଖ୍ୟାରେ ପ୍ରାଣ ହରାଇଥାଆନ୍ତି। ଆତ୍ମ ଘୋଷିତ ଧର୍ମ ପ୍ରବଚକ ଭୋଲେ ବାବାଙ୍କ ପ୍ରବଚନ ଶୁଣିବା ଲାଗି ହଜାର ହଜାର ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହୋଇଥିଲେ। ପୂର୍ବରୁ ମଧ୍ୟ ଭୋଲେ ବାବା ଏଭଳି ଅନେକ ସ୍ଥାନରେ ପ୍ରବଚନ ଦେଇଛନ୍ତି। ସମଗ୍ର ଉତ୍ତର ଭାରତରେ ତାଙ୍କର ଅନେକ ଶ୍ରଦ୍ଧାଳୁ ଅଛନ୍ତି। ହାଥରସରେ ତାଙ୍କ ପ୍ରବଚନ ଲାଗି ଯେଉଁ ସଙ୍ଗଠନ ଆୟୋଜନ କରିଥିଲା ସେହି ସଙ୍ଗଠନର ଦାୟିତ୍ୱହୀନତା ଲାଗି ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଲା। ଏଥିଲାଗି ଜିଲ୍ଲା ପ୍ରଶାସନ ମଧ୍ୟ ଦାୟୀ। ଏଭଳି ଏକ ବଡ଼ ଜନସମାଗମ ଆୟୋଜନ ହେଉଥିବା ବେଳେ ଏଠାରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଅଛି କି ନାହିଁ, ସେ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଯାଞ୍ଚ କରିବା ଉଚିତ ଥିଲା। କିନ୍ତୁ ପ୍ରଶାସନ ନିଜ ଦାୟିତ୍ୱ ନିର୍ବାହରେ ଚରମ ତ୍ରୁଟି କରିଛି। ସ୍ଥାନୀୟ ପୋଲିସ ଆୟୋଜକଙ୍କ ମଧ୍ୟରୁ ୬ଜଣଙ୍କୁ ଗିରଫ କରିଛି। କିନ୍ତୁ ଭୋଲେ ବାବା ଏ ଯାବତ ଗିରଫ ହୋଇ ନାହାଁନ୍ତି। ଏହା ବ୍ୟତିତ ଦାୟିତ୍ୱରେ ଅବହେଳା ଯୋଗୁ ପୋଲିସ ଓ ପ୍ରଶାସନ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପୋଲିସ ରେକର୍ଡ ଯାହା କହୁଛି, ୨୪ ବର୍ଷ ତଳେ ଭୋଲେ ବାବାଙ୍କୁ ପୋଲିସ ଗିରଫ କରିଥିଲା। ୨୦୦୦ ମସିହାରେ ଆଗ୍ରାରେ ପ୍ରାଣ ହରାଇଥିବା ଏକ ୧୬ ବର୍ଷର ବାଳକର ଶବକୁ ସେ ଯୋର ଜବରଦସ୍ତ ନେଇ ବାଳକକୁ ପୁନର୍ଜୀବିତ କରିବାକୁ ବୃଥା ପ୍ରୟାସ କରିଥିଲେ। ତାଙ୍କ ସାଧନା ଏବଂ ସ୍ପର୍ଶରେ ମୃତ ବାଳକ ଜୀବିତ ହୋଇଯିବ ବୋଲି ସେ ମିଥ୍ୟା ଧାରଣା ସୃଷ୍ଟି କରିଥିଲେ। କିଛି ଲୋକ ଅନ୍ଧ ଭାବେ ଏହାକୁ ବିଶ୍ୱାସ ମଧ୍ୟ କରିଥିଲେ। କିନ୍ତୁ ପୋଲିସ ଶବ ଉଦ୍ଧାର କରି ସମ୍ପୃକ୍ତ ମୃତ ବାଳକର ପରିବାରକୁ ହସ୍ତାନ୍ତରିତ କରିବା ସହ ଭୋଲେ ବାବାଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଭୋଲେ ବାବା ଜଣେ ଭଣ୍ଡ ବାବା ଏବଂ ସେ ଆଧ୍ୟାତ୍ମିକ ଗୁରୁ ଅପେକ୍ଷା ଶସ୍ତା ଲୋକପ୍ରିୟତା ହାସଲ ଲାଗି ନାଟକବାଜି କରନ୍ତି। ଭାରତୀୟମାନେ ଭାରି ସରଳ ଏବଂ ଧର୍ମବିଶ୍ୱାସୀ। ସେମାନେ ଧର୍ମ ନାମରେ ଅଲୌକିକତା ଉପରେ ବିଶ୍ୱାସ ରଖିଥାଆନ୍ତି। ତେଣୁ ଭୋଲେ ବାବାଙ୍କ ଭଳି ଅନେକ ଭଣ୍ଡ ଏବଂ ଠକ ବ୍ୟକ୍ତି ସରଳ ବିଶ୍ୱାସୀ ଲୋକଙ୍କୁ ଠକି ଥାଆନ୍ତି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ସେମାନେ ଅୟସ ବିଳାସରେ ଜୀବନ ବିତାଇଥାଆନ୍ତି। ଭୋଲେ ବାବା ମଧ୍ୟ ଅନୁରୂପ ଢଙ୍ଗରେ ଜୀବନ ବିତାଉଥିଲେ। ସିସିଟିଭି ଫୁଟେଜରୁ ଯାହା ଜଣାପଡ଼ିଛି ଦଳାଚକଟା ପରେ ବାବା କାରରେ ବସି ନିଜ ସହଯୋଗୀଙ୍କ ସହ ସେଠାରୁ ବାହାରି ଯାଇଥିଲେ।

“ ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି ।

# ଜଳକଷ୍ଟ ଓ ମାନବ ସମାଜ ପାଇଁ ଜଳର ଉପଯୋଗିତା

**॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥**

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ।

ବର୍ତ୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ। ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ତହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସଁ ସଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ।

ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଲେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ ଦୁର୍ଭାଗ୍ୟଜନକ ଇଙ୍ଗିତ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

ପାରାଦ୍ୱୀପ, ଓଡ଼ିଶା
ଦୂରଭାଷ : ୯୪୩୭୦୨୨୦୬୧

# ପ୍ରେମର ଅନୁଶୀଳନ

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟଙ୍କୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି। ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି। ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି। ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟଙ୍କୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେସୁଖୀ ହୋଇ ପାରିବ ଏବଂ ଉତ୍କଣ୍ଠାରେ ଉତ୍ତେଜିତ ହେବନାହିଁ। ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି। ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି। ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି’ - ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ। ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର। କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି। (୧) ‘କର୍ଷ’ ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି। ଏହାର ଅର୍ଥ ଯାହା ଆକର୍ଷଣ କରେ। କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି। (୨) ଏହି ଶବ୍ଦ ‘କୃଷ୍’ ସହିତ ମଧ ସମ୍ବନ୍ଧିତ। ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା। କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବରା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ। (୩) ଏହା ‘କୃଷ୍’ ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ ସମ୍ବନ୍ଧିତ। ‘ନ’ ଅର୍ଥ ସତ୍-ଚିତ୍-ଆନନ୍ଦ। ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି।’

ଆମେମାନେ ଭାଗ୍ୟବାନ। କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ। କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ। ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି। ବାବା ଆହୁରି ମଧ କହିଛନ୍ତି ‘ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ। ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ। ରସୋ ବୈସଃ। ସେ ହିଁ ରସ। ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ। ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ। ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ। ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି। ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ। ପ୍ରଥମଟି ଅବିଦ୍ୟା ଲୋକ। ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ। ଦ୍ୱିତୀୟଟି ବିଦ୍ୟାଲୋକ। ଏଠାରେ ତୁମେ ବିଜ୍ଞାନମୟ କୋଷ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ। ତୃତୀୟଟି ଆନନ୍ଦ ଲୋକ। ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ। ଶେଷରେ ଗୋଲୋକ। ଏଠାରେ ଗୋପାଳ ଶାସନ କରନ୍ତି। ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜଲ୍ୟ ସ୍ଥିତିରେ ଏକ ହୁଅନ୍ତି। ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ। କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ। ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଧୁକ ଆଗରେ ଟିଣ ଡବା ସଦୃଶ। ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ। ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ। ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ। ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ।’

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧ୍ୟାନ କରି ଆମେମାନେ ପ୍ରେମରେ ବିବଶିତ ହେବା ଉଚିତ। ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆଦେଶରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା ? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ। ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ।

ଅଲିଶା ବଜାର, କଟକ, ଦୂରଭାଷ :
୯୩୩୭୨୪୨୯୫୫

# ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ତ୍ୟାଗର ପ୍ରତୀକ

**॥ ତପସ୍ୱିନୀ ପଟ୍ଟନାୟକ ॥**

କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା’ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ। ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବୋଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ।

ଶିକ୍ଷାବିତ୍, ମହାନଦୀ ବିହାର, କଟକ

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





# ହିମାଂଶୁ ନାମରେ ଏତଲା ପରେ ଗିରଫ ନ କରିବା ଉପରେ ପ୍ରଶ୍ନବାଚୀ

**ହାଟଡିହି,(ମହାଭାରତ) :** ବର୍ଷେ ଠାରୁ ଅଧିକ ସମୟ ବିତି ସାରିଲାଣି । କିନ୍ତୁ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ପୋଲିସର ବ୍ୟାଟେରୀ ଡାଉନ ହୋଇଥିବା ବେଳେ ଚକ ପମ୍ପଚର ହୋଇଯାଇଛି । କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବିଡ଼ିଓଙ୍କ ଦ୍ୱାରା ଆଗତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନାରେ ମାମଲା ରୁଜୁ ହେବା କୁ ୧ ବର୍ଷ ଦୁଇ ମାସ ବିତି ସାରିଛି । କିନ୍ତୁ ଅଦ୍ୟାବଧି ଅଭିଯୁକ୍ତକୁ ଗିରଫ କରିବା ରେ ନନ୍ଦିପଦା ପୋଲିସ ସମ୍ପୂର୍ଣ ବିଫଳ ହୋଇଛି । ଅପର ପକ୍ଷେ ଅଭିଯୁକ୍ତ ଜଣକ ଆଗୁଆ ଜାମିନ ପାଇଁ ମାନ୍ୟବର ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ କୋର୍ଟ ମଧ୍ୟ ତାଙ୍କ ଜାମିନ କୁ ଖାରଜ କରିବା ସହ ନାମଞ୍ଜୁର ମଧ୍ୟ କରିଛନ୍ତି । ସୂଚନା ଯୋଗ୍ୟ କେନ୍ଦୁଝର ଜିଲା ହାଟଡିହି ବ୍ଲକର ପୂର୍ବତନ ବିଡ଼ିଓ ବିନିତା ବିଜୟିନୀ ନନ୍ଦିପଦା ଥାନା ୧୪.୫.୨୦୨୩ରେ ଏକ ଅଭିଯୋଗ କରିଥିଲେ । ପୋଲିସ କେସ ନଂ ୧୧୯/୨୦୨୩ ରେ ଏକ ମାମଲା ହିମାଂଶୁ ଙ୍କ ନାମ ରେ ରୁଜୁ କରିଥିଲା । ଗିରଫରୁ ବର୍ତ୍ତିବା ପାଇଁ ହିମାଂଶୁ ମାନ୍ୟବର ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ଆବେଦନ କରିଥିଲେ । କେସ ନଂ ଏବିଏଲଏପିଏଲ ନଂ ୬୬୩୯/୨୦୨୩ ଅଟେ । ଗତ ୨୪.୮.୨୦୨୩ ରେ ଉକ୍ତ ଜାମିନ ର ଶୁଣାଣି ହୋଇଥିଲା । ମାମଲା ର ଗୁରୁତ୍ୱ କୁ ଦୃଷ୍ଟି ରେ ରଖି ମାନ୍ୟବର ହାଇକୋର୍ଟ ତାଙ୍କ ଜାମିନ କୁ ନାମଞ୍ଜୁର କରିବା ସହ ଆଗୁଆ ଜାମିନ ଆବେଦନ କୁ ଖାରଜ କରିଦେଇ ଥିଲେ। କିନ୍ତୁ ନନ୍ଦିପଦା ପୋଲିସ ଅଭିଯୁକ୍ତ ହିମାଂଶୁକୁ ଗିରଫ କରିପାରୁନି । କାହିଁକି ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ପଙ୍ଗୁ ପାଲଟିଛି ତାହା ଜଣାପଡୁନି । ଅଭିଯୁକ୍ତ ଜଣକ ନିଜ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଏବଂ କଟକ ଭୁବନେଶ୍ୱରରେ ନିର୍ଭୟରେ ବୁଲୁଛନ୍ତି । ଆତ୍ମ ଘୋଷିତ ମାନବ ଅଧିକାର କର୍ମୀ / ସାମାଜିକ କର୍ମୀ ଭାବେ ନିଜେ ଏବଂ କେତେକ ଖବର କାଗଜ ଜରିଆରେ ଡିଣ୍ଡିମ ପିଟୁଥିବା ଅଭିଯୁକ୍ତ ହିମାଂଶୁକୁ କେବେ ଗିରଫ କରାଯିବ ତାହା ଉପରେ ସମସ୍ତେ ନଜର ରଖିଛନ୍ତି । ସୂଚନା ଯୋଗ୍ୟ ବିଡ଼ିଓ ନନ୍ଦିପଦା ଥାନାରେ କରିଥିବା ଅଭିଯୋଗ ଅନୁସାରେ ଏକ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା । କିନ୍ତୁ ଟଙ୍କାଟିଏ ମଧ ବ୍ୟୟ ହୋଇନାହିଁ । ମାତ୍ର ଅନିୟମିତତା ହୋଇଥିବା ନେଇ ସୋଲପଟା ଗ୍ରାମ ର ହିମାଂଶୁ ଶେଖର ନାୟକ ନାମକ ଜଣେ ବ୍ୟକ୍ତି ବିନା ପ୍ରମାଣ ରେ ନନ୍ଦିପଦା ଥାନା ରେ ଚାରି ଜଣ ସରକାରୀ କର୍ମଚାରୀଙ୍କ ନାମ ରେ ଏକ ଅଭିଯୋଗ କରିଥିଲେ। ଏଥିସହ ନିୟମିତ ଭାବେ ହିମାଂଶୁ ସୂଚନା ଅଧିକାର ବଳ ରେ ତଥ୍ୟ ପାଇବା ଆଳ ରେ ବିଭିନ୍ନ କର୍ମଚାରୀଙ୍କୁ ଧମକାଇବା ସହ ହଇରାଣ କରୁଛନ୍ତି । ଅପର ପକ୍ଷେ ଜଣେ ହରିଜନ ମହିଳା ସରପଞ୍ଚ ଙ୍କ ଦ୍ୱାରା ହିମାଂଶୁଙ୍କ ନାମରେ ଆଉ ଏକ ମାମଲା ନନ୍ଦିପଦା ଥାନା ରେ ରୁଜୁ ହୋଇଥିଲା। ଥାନା କେସ ନଂ ୧୧୮/୨୦୨୩ ଅଟେ । ଅଭିଯୁକ୍ତକୁ ଗିରଫ ଦାବୀ କରି ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କେସ ନଂ ସିଆରଏଲଏମପି ୧୦୯୨/୨୦୨୩ ଅଟେ । ପୁଣି ଗିରଫରୁ ବର୍ତ୍ତିବା ପାଇଁ ପରବର୍ତ୍ତୀ ସମୟ ରେ ଅଭିଯୁକ୍ତ ହିମାଂଶୁ ଆନନ୍ଦପୁର ଅତିରିକ୍ତ ଜିଲା କୋର୍ଟ ରୁ (ସ୍ୱେଶାଲ କେସ ନଂ ୨୧/୨୦୨୩)ଜାମିନ ରେ ଆସିଛନ୍ତି ।

# ପାପସରା ଗ୍ରାମରେ ଗୋଚର ଜମିରେ ବେଆଇନ କାର୍ଯ୍ୟ କରିବା ନେଇ ଜିଲାପାଳଙ୍କୁ ଅଭିଯୋଗ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ପାପସରା ଗ୍ରାମର ଗ୍ରାମବାସୀ ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି କି ତାଙ୍କ ଗ୍ରାମର ଆନୁକୁଲ୍ୟା ବେହେରା ଦୀର୍ଘ ଦିନ ହେବ ରାଜନୈତିକ ଚାପ ପକାଇ ଗୋଚର ଜମି ଜବରଦଖଲ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଛି। ତେଣୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ଗ୍ରାମବାସୀ କହିବା ଅନୁଯାୟୀ ତାଙ୍କ ଗ୍ରାମରେ ପ୍ଲଟ ନମ୍ବର ୩୦୭୪ ଓ ଖାତା ନମ୍ବର ୨୭୭ରେ ସରକାରୀ ଅନୁଦାନ ଆଣି ପୋଖରୀ ତିଆରି କରିଛି। ପ୍ଲଟ ନମ୍ବର ୩୭୭୨ ଓ ଖାତା ନମ୍ବର ୨୭୭ରେ ସରକାରୀ ଅନୁଦାନ ଆଣି କୁକୁଡ଼ା ଫାର୍ମ ତିଆରି କରିଛନ୍ତି। ପ୍ଲଟ ନମ୍ବର ୨୭୧୨ ଓ ଖାତା ନମ୍ବର ୨୭୭ରେ ସରକାରୀ ଅନୁଦାନ ଆଣି ଖୋଲାକୂଅ କରିଛନ୍ତି। ପ୍ଲଟ ନମ୍ବର ୨୭୬୪ ଓ ଖାତା ନମ୍ବର ୨୭୭ରେ ସରକାରୀ ରାସ୍ତାକୁ ନିମ୍ନ ମାନର କାର୍ଯ୍ୟ କରି ଅଧିକ ଲାଭ କରି ବଡଗାଡି ଗଲେ ଭାଙ୍ଗି ଯିବ କହି ଲୁହା ରଡ଼ ବାନ୍ଧି ରାସ୍ତା ଅବରୋଧ କରିଛନ୍ତି ଏବଂ ବିନା କାଗଜ ପତ୍ରରେ ଏକ ଟ୍ରାକ୍ଟର ଚଳାଉଛନ୍ତି ଯାହାକି ଗ୍ରାମବାସୀ ମନା କଲେ କାହାରି କଥା ଶୁଣୁ ନାହାନ୍ତି। ଏଣୁ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

# ଟଙ୍କେ ଟଙ୍କେ ଆଦାୟ କରି ତିଆରି କରିବେ ଶନି ମନ୍ଦିର



**କୋରେଇ,(ମହାଭାରତ) :** ଆଜିକା ଦିନରେ ଯୁବ ପିଢ଼ି ମାନେ କିଏ ଗାଡି କିଣିବାରେ ବ୍ୟସ୍ତ ଥିବା ବେଳେ କିଏ ଅନ୍ୟ ନିଜ କାର୍ଯ୍ୟ ରେ ବ୍ୟସ୍ତ ରହୁଛନ୍ତି। ଏହାରି ଭିତରେ ଟଙ୍କେ ଟଙ୍କେ କରି ଟଙ୍କା ଆଦାୟ କରି ଏକ ଶନି ମନ୍ଦିର ନିର୍ମାଣ କରିବା କଥା ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ ନିଜ ଖର୍ଚ୍ଚରୁ ପ୍ରତିଦିନ ଟଙ୍କେ ଟଙ୍କେ ରଖି ନିର୍ମାଣ କରିବାକୁ ଯାଉଛନ୍ତି ଏକ ଶନି ମନ୍ଦିର। ଏହିପରି ଏକ ଘଟଣା ଦେଖିବାକୁ ମିଳୁଛି କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ର ଆମ୍ଭ ଗଡିଆ ଗ୍ରାମରେ। ଏହି ଗ୍ରାମର ପିଲାମାନେ ଭଗବାନ କୁ ଅତି ଭକ୍ତି କରୁଥିବା ବେଳେ ଅଷ୍ଟପ୍ରହରୀ ଓ ଅନେକ ପୂଜା କାର୍ଯ୍ୟ ରେ ନିଜକୁ ସାମିଲ କରିଥାନ୍ତି। ଏହି ପିଲାମାନେ ବର୍ତ୍ତମାନ ନିଜ ଖର୍ଚ୍ଚରୁ ଟଙ୍କେ ଟଙ୍କେ ରଖି ଏକ ଶନି ମନ୍ଦିର ନିର୍ମାଣ କରିବା ପାଇଁ ଶୁଭ ଦେଇଛନ୍ତି।ଏହାକୁ ଦେଖି ଗ୍ରାମ ବାସିଙ୍କ ସମେତ ପାଖ ଗ୍ରାମରୁ ଲୋକ ଏବେ ସେହି ଶନି ମନ୍ଦିର ପାଇଁ ସହଯୋଗ ର ହାତ ବଢ଼ାଉଛନ୍ତି। ଏହି ସନିମନ୍ଦିର ପାଇଁ ଆଖ ପାଖ ଗ୍ରାମ ବାସି ସମେତ ସମସ୍ତ ଓଡିଶା ବାସୀଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି ଗ୍ରାମ ବାସି । ଆମ୍ଭଗଡ଼ିଆ ଓ ପଳସା ଗ୍ରାମର ଏହି ଯୁବକ ମାନଙ୍କୁ ଏବେ ପ୍ରଶଂସା ର ସୁଅ। ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା ଯୁବକ ହେବ ତ ଏମିତି।

# ବାଲିଗୁଡା ଗ୍ରାମ୍ୟନିର୍ମାଣ ବିଭାଗର ଏସଡିଓ ଓ ଠିକାଦାର ମଧ୍ୟରେ ଭାଗୁଆଳି ବେପାର

## ବିନା ଫଳକରେ ଚାଲିଛି ସାତପଦର ପ୍ରଧାନମନ୍ତ୍ରୀ ସଡକ ଯୋଜନା

**ବାଲିଗୁଡା,(ମହାଭାରତ) :** ବାଲିଗୁଡା ବ୍ଲକର ଗ୍ରାମ୍ୟନିର୍ମାଣ ବିଭାଗରେ ଚାଲିଛି ବିଭାଗୀୟ ଏସଡିଓ ଓ ଠିକାଦାରଙ୍କ ମଧ୍ୟରେ ଭାଗୁଆଳି ବେପାର । ଖବର ପ୍ରକାରେ ବାଲିଗୁଡା ଗ୍ରାମ୍ୟନିର୍ମାଣ ବିଭାଗ ଦ୍ୱାରା ୫୯ନଂ ଜାତୀୟ ରାଜପଥ ମିଡିଆକିଆ ଛକ ଠାରୁ ସାତପଦର ପର୍ଯ୍ୟନ୍ତ ଏକ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟ ହୋଉଅଛି ।କିନ୍ତୁ ପରିତାପର ବିଷୟ ବିନା ଫଳକରେ ଚାଲିଚି କାମ ଯାହା ସରକାରଙ୍କ ନିୟମ ବାହାରେ । କାମ ଆରମ୍ଭ ପୂର୍ବରୁ ଫଳକ ମରାଯିବା କଥା କିନ୍ତୁ ଠିକାଦର ବର୍ତ୍ତମାନ ସୁଧା ଫଳକ ନ ମାରି ଚଲାଇଛନ୍ତି ବେଧଡକ କାମ ।ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ମାଟି ଉପରେ ପ୍ରଥମେ ମେଟାଲ ପକାଯିବା କଥା କିନ୍ତୁ ମେଟାଲ ବଦଳରେ ରାସ୍ତାରେ ପଡିଛି ବଜୁରୀ । ବିଶେଷ ସୂତ୍ରରୁ ସୂଚନା ମିଳିଛି କି ଏହି କାମରେ ବିଭାଗିୟ ଏସଡିଓ ଓ ଠିକାଦାର ମଧ୍ୟରେ ଭାଗୁଆଳିରେ କାମ କରାଯାଉଛି । ସେଥିପାଇଁ କାମ ନିକଟକୁ ଏସଡିଓ ମହାଶୟ କିମ୍ବା ଜେଇ ମହାଶୟଙ୍କ ପାଦ ପଡୁନଥିବା ଅଭିଯୋଗ ହୋଉଅଛି । ଯାହାଫଳରେ କି ଠିକାଦାର ମନଇଛା କାମ କରିବାରେ ଲାଗିଛନ୍ତି । ରାସ୍ତାରୁ ବଜୁରୀ ଧୋଇ ହୋଇ ବଡବଡ ଗାତ ସୃଷ୍ଟି ହୋଇଅଛି ।ସେହି ରାସ୍ତାରେ ୫ଟିରେ ଅନ୍ତର୍ଭୁକ୍ତ ବିଜୁସେତୁ ଯୋଜନା ସାତପଦର ଲୋକାଲ ନାଳ ଉପରେ ଏକ ପୋଲ ନିର୍ମାଣ ଚାଲିଛି ଯାହାର କାମ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଉଅଛି । ନିର୍ମାଣ କାର୍ଯ୍ୟ ରେ ଯେଉଁ ବାଲିରେ କାମ ଚାଲିଛି ତାହା ହେଉଛି ଲୋକାଲ ମଇଳା ବାଲି ,କମ ପରିମାଣର ସିମେଣ୍ଟ ଓ ଚିପସ୍ ରେ ଢଳେଇ ଚାଲିଛି ତାହା ପୁଣି ବିନା ଜେଇଇ ଓ ଏସଡିଓଙ୍କ ଅନୁପସ୍ଥିତିରେ । ପୋଲ ଢଳେଇ କାମରେ ନାବାଳିକା ମାନଙ୍କୁ ନିଯୋଜିତ କରାଯାଇଥିବା ଦେଖିବାକୁ ମିଳିଛି ଯାହାକି ସରକାରୀ ନିୟମ କୁ ଫୁ କରାଯାଇଛି। ଏହି ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟଦେଶ ପାଇଥିବା ନିର୍ମାଣକାରୀ ସଂସ୍ଥାର ଠିକାଦାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଲୋକାଲ ଦୁଇଜଣ କଣ୍ଟ୍ରାକ୍ଟରଙ୍କୁ କାମ କମିସନରେ ଦେଇଥିବା କହିଛନ୍ତି। ମୁଁ ବାଲିଗୁଡ଼ା ଦୁଇ ଠିକାଦାର ଙ୍କୁ କାମ ଦେଇଦେଇଛି ସେମାନେ ଯାହା କରନ୍ତୁ ବୋଲି ଫୋନ ମାଧ୍ୟମରେ କହିଛନ୍ତି ଶ୍ରୀ ସ୍ୱାଇଁ। ଯାହା ଫଳରେକି ଦୁଇଜଣ ଠିକାଦାର ଓ ଏସଡିଓ ପ୍ରମୋଦ କୁମାର ବେହେରା ମହାଶୟଙ୍କ ସଲାସୁତରା ରେ ନିମ୍ନ ମାନର କାମ କରି ଲକ୍ଷ, ଲକ୍ଷ ଟଙ୍କା ଲୁଟିବାକୁ ଚାଲିଛି ଚକ୍ରାନ୍ତ । ପୋଲ ନିର୍ମାଣ କାର୍ଯ୍ୟ



ନିମ୍ନ ମାନର ହୋଇଥିବା ହେତୁ ଯଦି ବଡ ବର୍ଷା ହୁଏ ତାହାହେଲେ ପୋଲଟି ଭୁଷୁଡି ପଡିବାର ସମ୍ଭାବନା ଅଧିକ ରହିଥିବା କହିଛନ୍ତି ଗ୍ରାମବାସୀ ।ଏସଡିଓ ମହାଶୟ ବହୁବର୍ଷ ଧରି ବାଲିଗୁଡା ଗ୍ରାମ୍ୟନିର୍ମାଣ ବିଭାଗ ଦାଇତ୍ୱରେ ଥିବାରୁ ଠିକାଦାର ଓ ଏସଡିଓଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସୃଷ୍ଟି ହୋଇଅଛି । ଏହାର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଗଲେ ସବୁ ସତ୍ୟାସତ୍ୟ ପଦାକୁ ଆସିବ । ଏଭଳି ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଏସଡିଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଯିବି ମହଲରେ ଦାବୀ ହୋଉଅଛି। ଏ ବିଷୟରେ ଆମେ ପଚାରିବାକୁ ଗ୍ରାମ୍ୟନିର୍ମାଣ ଏସଡିଓ ପ୍ରମୋଦ କୁମାର ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲୁ କିନ୍ତୁ ସେ ଫୋନ ଉଠାଇନଥିଲେ ତେଣୁ ତାଙ୍କ ପ୍ରତିକ୍ରୀୟା ନେଇ ପାରିନାହୁଁ।

# ନାମକୁ ମାତ୍ର ଟୀଫା ମେସିନ
# କମ୍ ଦିନ କାର୍ଯ୍ୟ କରିବା ପରେ ବନ୍ଦ ରହୁଛି

**ଆସିକା,(ମହାଭାରତ) :** ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଯାଇଛି । ଅନ୍ୟପଟେ ବର୍ତ୍ତମାନ ଲଘୁଚାପ ସୃଷ୍ଟି ହୋଇଥିବା ଯୋଗୁଁ ଦୀର୍ଘ ସାତ ଆଠ ଦିନହେଲା ବର୍ଷା ଲାଗିରହିଛି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଡେଙ୍ଗୁ ଜ୍ୱର ପ୍ରଭାବିତ କରିଛି । ବର୍ତମାନ ଏହାର ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ନାମାକୁ ଭିତ୍ତି କରି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଟୀଫା ମେସିନ ଦ୍ୱାରା



ସହରର ପ୍ରତେକ ୱାର୍ଡରେ ମଶା ପାଇଁ ଧୂଆଁ ଛାଡିବା କିଛି ଦିନ ହେଲା ଆରମ୍ଭ କରିଛନ୍ତି । ହେଲେ ଟୀଫା ମେସିନ କମ ପାୱାର ଓ ହାତ ଧାରା ମେସିନୀ ରହିଛି ଏହା ଖୁବ ସମୟ ବ୍ୟବଧାନ ରେ ବନ୍ଦ ହୋଇଯାଉଛି । ଏହା ସତ୍ୱେ ସରକାର ଙ୍କ ନିର୍ଦ୍ଦେଶ ନାମକୁ ଗୁରୁତର ଦେଇ ନାମକୁ ମାତ୍ର ଗତ ଦୁଇ ଦିନ ହେଲା ଧୂଆଁ ଛଡା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୮ ଗୋଟି ୱାର୍ଡର ପ୍ରାୟ ୧୦୨ କିମି ନାଳ ନର୍ଦ୍ଦମା ରାସ୍ତା ରହିଛି । ଏହି ହାତଚାଳିତ ଛୋଟ ଟୀଫା ମେସିନ ଟି ଏହି ବ୍ୟାପକ ଅଞ୍ଚଳ ପାଇଁ କାମ କରିବା ଅସମ୍ଭବ । ନାମକୁ ମାତ୍ର ଏହାକୁ କାର୍ଯ୍ୟରେ ଲଗାଯାଇଛି । ଆସିକା ଏନ ଏସ ସି ରୁ ଅନେକ ଥର ଲକ୍ଷାଧିକ ଟଙ୍କାର ଟୀଫା ମେସିନ କିଣି ବର୍ଷକୁ ଖୁବ କମ ଦିନ କାର୍ଯ୍ୟ କରିବା ପରେ ବନ୍ଦ ରହୁଛି । ଆସିକା ର ୧୮ ଟି ୱାର୍ଡ ରେ ବ୍ୟାପକ ମଶା ଉପଦ୍ରବ ରୋକିବା ପାଇଁ ଏକ ଉଚ୍ଚ କ୍ଷମତା ସମ୍ପର୍ଣ ଉନ୍ନତ ମାନର ଟୀଫା ମେସିନ କିଣି ନିୟମିତ ଧୂଆଁ ଛାଡିବା ପ୍ରହସନରେ ପରିଣତ ନହେଉ ।

# ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ବିୟୋଗ



**ପାଟଣାଗଡ଼,(ମହାଭାରତ) :** ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ତପସ୍ୱିନୀ କୁଅଁର ( ୫୫ ) କିଛି ଦିନ ହେବ ଅସୁସ୍ଥ ଥିଲେ, ସେ କୀଡିନି ରୋଗ ଓ ରକ୍ତହୀନତା ରୋଗରେ ପୀଡିତ ଥିଲେ । ସୁସ୍ଥ ହେବା ପାଇଁ ଅନେକ ଦିନ ହେଲା ଡାକ୍ତରଙ୍କୁ ଦେଖାଇ ଔଷଧ ଖାଉଥିଲେ ଗତକାଲି ହଠାତ ଗଭୀର ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ ପରେ ଆହୁରି ଉଚ୍ଚତର ଚିକିତ୍ସା ପାଇଁ ଭୀମସାର ବୁର୍ଲା ମେଡିକାଲ କଲେଜକୁ ଡାକ୍ତର ରେଫର କରିଥିଲେ । ସେଠାରେ ଚିକିତ୍ସା କରୁଥିବା ଅବସ୍ଥାରେ ମୃତ୍ୟୁ ହେଲା, ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ସେଠାରୁ ନିଜ ଗ୍ରାମ ଗୁହୁରିଆମୁଣ୍ଡା କୁ ଅଣାଯାଇ ଥିଲା । ଶବକୁ ଶେଷ ଦର୍ଶନ କରିବା ପାଇଁ ସମ୍ପର୍କୀୟ ଲୋକ ତଥା ଅଞ୍ଚଳର ଶତାଧିକ ଲୋକ ଆସି ପରିବାର ବର୍ଗକୁ ସମବେଦନା ଜଣେଇଥିଲେ । ମୃତ୍ୟୁ ଖବର ପାଇ ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ନିରଞ୍ଜନ ବିଶି ଶୋକ ପ୍ରକାଶ କରିବା ସହ ସମବେଦନା ଜଣେଇଥିଲେ । ସ୍ୱର୍ଗତ ତପସ୍ୱିନୀ କୁଅଁର ୨୦୦୨ ରୁ ୨୦୦୭ ମସିହାରେ ପାଟଣାଗଡ଼ ବ୍ଲକ ଜୋନ ନଂ.୧୪ ରୁ ଭାରତୀୟ ଜନତା ପାର୍ଟି ରୁ ଜିଲ୍ଲା ପରିଷଦ ସଦସ୍ୟା ଭାବରେ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମଧ ଥିଲେ। ତାଙ୍କର ସ୍ୱାମୀ ଶ୍ରୀ ଭୁବନେଶ୍ୱର କୁଅଁର ମଧ ପୂର୍ବରୁ ଗୋଟିଏ ଥର ଜିଲ୍ଲା ପରିଷଦ ସଦସ୍ୟ, ଗୋଟିଏ ଥର ସମିତି ସଭ୍ୟ ଓ ଭାରତୀୟ ଜନତା ପାର୍ଟିର ବ୍ଲକ ସଭାପତି ଓ ଭାରତୀୟ ଜନତା ପାର୍ଟିର ଜଣେ ଆଗ ଧାଡ଼ିର ଟାଣୁଆ ନେତା ଭାବରେ ପରିଚିତ। ବର୍ତ୍ତମାନ ଶ୍ରୀ କୁଅଁର ଆଦିବାସୀ କଲ୍ୟାଣ ସଂଘର ପାଟଣାଗଡ଼ ବ୍ଲକ ସଭାପତି ଭାବରେ କାର୍ଯ୍ୟରତ । ଶବ ସତ୍କାର ସମୟରେ ତାଙ୍କ ସ୍ୱାମୀ ଭୁବନେଶ୍ୱର କୁଅଁର ପୁତ୍ର ସଞ୍ଜୀବ କୁଅଁର, ଶାନ୍ତନୁ କୁଅଁର, ସୁବ୍ରତ କୁମାର କୁଅଁର, ଝିଅ ସସ୍ମିତା କୁଅଁର ଓ ପରିବାର ବର୍ଗ ସହ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ରହି ଥିଲେ । ସାନ ପୁଅ ସୁବ୍ରତ କୁଅଁର ମୁଖାଗ୍ନି ଦେଇଥିଲେ ।

# ଓଡ଼ିଶା ସ୍ୱଚ୍ଛ ସାଥି ଓ ସୁପ୍ରଭାଇଜାର ସଙ୍ଘ ଗଜପତି ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛ ସାଥି ଓ ସୁପ୍ରଭାଇଜାର ମାନଙ୍କ ବର୍ଦ୍ଧିତ ଦରମା ଓ ଅନ୍ୟାନ୍ୟ ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସ୍ୱଚ୍ଛ ସାଥୀ ଓ ସୁପ୍ରଭାଇଜାର ସଙ୍ଘ ଗଜପତି ଶାଖାର ସଭାପତି ମମତା ରାଣୀ ହୋତାଙ୍କ ନେତୃତ୍ୱରେ ଦଶ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପାଳ ଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରାଯାଇଛି ।ଦାବୀ ଗୁଡିକ ହେଲା ସମାନ କାମକୁ ସମାନ ଦରମା ଦାବି, ଶ୍ରମ ଆଇନ ଅନୁସାରେ ସର୍ବନିମ୍ନ ମଜୁରୀ ଦେବା,ବିନା ସର୍ତ୍ତରେ ସମସ୍ତ ସ୍ୱଚ୍ଛସାଥି ଓ ସୁପ୍ରଭାଇଜାର ମାନଙ୍କ ବର୍ଦ୍ଧିତ ଦରମା ପ୍ରଦାନ କରିବା ଏହି ଭଳି ଦଶ ଦଫା ଦାବି ରହିଛି ଏହି ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ଜ୍ୟୋତି ରଶ୍ମି ଦାଶ,, କୋଷାଧକ୍ଷ ରତ୍ନ ମଞ୍ଜୁରୀ ରାଉତ, ଅନ୍ନପୂର୍ଣ୍ଣା ମିଶ୍ର, ପ୍ରଭାସିନୀ ପାଣିଗ୍ରାହୀ, ସୁନିତା ବେହେରା ପ୍ରମୁଖଙ୍କ ସମେତ ବହୁ ସ୍ୱଚ୍ଛ ସାଥୀ ଓ ସୁପ୍ରଭାଇଜର ଉପସ୍ଥିତ ଥିଲେ।

# ଝାଡୁଦାରଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା: ତିନି ଗିରଫ



**ନୟାଗଡ଼,(ମହାଭାରତ) :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ କାର୍ଯ୍ୟରତ ଜଣେ ଝାଡୁଦାରଙ୍କୁ ଆକ୍ରମଣ କରି ଲୁଟ୍ କରାଯାଇଥିବା ମାମଲାରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶ୍ରୀଧର ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ସିତୁନ ନାୟକ ଏମାନଙ୍କ ନିକଟରୁ ପୁଲିସ ୪ଟି ଚୋରା ମୋବାଇଲ, ୧୨୦୦ ଟଙ୍କା ଓ ଗୋଟିଏ ଚୋରା ବାଇକ୍ ଜବତ କରିଛି। ପୁଲିସ ସୂଚନା ମୁତାବକ, ଏହି ତିନି ଜଣ ଅଭ୍ୟାସଗତ ଲୁଟେରା। ସେମାନଙ୍କ ନାଁରେ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଗତ ଦୁଇଦିନ ତଳେ ରାତିରେ ହସ୍ପିଟାଲ ରେ ଝାଡୁଦାର ଭାବେ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାର ନାୟକ (୩୨) ରାତି ପ୍ରାୟ ୨ଟା ୪୫ରେ ହସ୍ପିଟାଲ ପଛପଟ ଲିଫ୍ଟ ପାଖରେ ବିଶ୍ରାମ କରୁଥିଲେ। ଲୁଟ୍ କରିବା ଉଦ୍ଦେଶ୍ୟରେ ଏହି ତିନି ଜଣ ସେଠାରେ ପହଞ୍ଚି ପ୍ରଥମେ ତାଙ୍କର ପକେଟକୁ ଖୋଜିଥିଲେ। ଏହି ସମୟରେ ପ୍ରଶାନ୍ତଙ୍କର ନିଦ ଭାଙ୍ଗି ଯିବାରୁ ସେ ତିନି ଜଣ ଯୁବକଙ୍କୁ ଦେଖି ଭୟଭୀତ ହୋଇଯାଇଥିଲେ। ଅନ୍ୟ ଉପାୟ ନ ପାଇ ସେ ସେଠାରେ ଛିଡ଼ା ହୋଇ ହସ୍ପିଟାଲ ମଧ୍ୟରେ ଡ୍ୟୁଟି କରୁଥିବା ସୁରକ୍ଷାକର୍ମୀଙ୍କୁ ଡାକିଥିଲେ। ଫଳରେ ଏହି ତିନି ଜଣ ଯାକ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ପାଖରେ ଥିବା ମୋବାଇଲ ଫୋନ୍ ଓ ୧୨ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ପ୍ରଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏହି ଘଟଣାରେ ମାମଲା ରୁଜୁ କରି ସିସିଟିଭିରୁ ଲୁଟେରାମାନଙ୍କୁ ଚିହ୍ନଟ କରିଥିଲା। ସେମାନେ ଯେଉଁ ବାଇକରେ ଆସିଥିଲେ, ତାହା ମଧ ଚୋରା ଥିଲା ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଆଜି ଏହି ତିନି ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଠାକୁରମୁଣ୍ଡା ଏକଲବ୍ୟ ପାଇଁ ପ୍ରବେଶିକା ପରୀକ୍ଷା ହେବ ୧୨୦ କିମି ଦୂରରେ



**କରଞ୍ଜିଆ,(ମହାଭାରତ) :** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଚଳିତ ଶିକ୍ଷାବର୍ଷ ପାଇଁ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଠାରେ ଖୋଲୁଛି ଏକଲବ୍ୟ ବିଦ୍ୟାଳୟ । ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୫ ତାରିଖ ସୁଦ୍ଧା ଛାତ୍ର ଛାତ୍ରୀ ଆବେଦନ କରିବେ । ଆଜି (ବର୍ତ୍ତମାନ) ସୁଦ୍ଧା ୧୨୦ ଛାତ୍ର ଛାତ୍ରୀ ଆବେଦନ କରିସାରିଲେଣି । ଆଉ ୨ ଦିନ ମଧ୍ୟରେ ଆବେଦନ ପ୍ରାଏ ସଂଖ୍ୟା ୨୫୦ ହେବ ବୋଲି ଆକଳନ କରାଯାଉଛି । ଏଥିପାଇଁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାର୍ଯ୍ୟାଳୟରେ ଅଫଲାଇନ ଫର୍ମ ଗ୍ରହଣ କରୁଛନ୍ତି । ସେଠାରେ ଅଫଲାଇନରେ ଫର୍ମ ଗ୍ରହଣ ପରେ ଅନଲାଇନ କରି ସଙ୍ଗେ ସଙ୍ଗେ ଆଡମିଟ କାର୍ଡ ଦିଆଯାଉଛି । ତେବେ ଆଡମିଟ କାର୍ଡ ମିଳିବା ପରେ ଅଭଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା କେନ୍ଦ୍ର ବହଳଦା ବ୍ଲକ କାଦୁଆଣୀ ଠାରେ ସ୍ଥିର କରାଯାଇଛି । ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ଠାକୁରମୁଣ୍ଡାରୁ ୧୨୦ କିମି ଦୂରରେ । ପୁନଶ୍ଚ ସକାଳ ୯ ରେ ପରୀକ୍ଷା କେନ୍ଦ୍ରରେ ୪ ତାରିଖ ପହଞ୍ଚି ୧୦ ରୁ ୧୨ ଟା ପର୍ଯ୍ୟନ୍ତ ପରୀକ୍ଷା ହେବ ବୋଲି ଉଲ୍ଲେଖ ରହିଛି ।ଏଭଳି ଅବାସ୍ତବ ବ୍ୟବସ୍ଥା ଦେଖିବା ପରେ ଅଭିଭାବକ ମାନେ କରଞ୍ଜିଆ ବିଧାୟକଙ୍କ ନିକଟରେ ଠାକୁରମୁଣ୍ଡାରେ ପରୀକ୍ଷା କେନ୍ଦ୍ର କରାଇବାକୁ ଦାବି ଜଣାଇଛନ୍ତି କ୍ଷ ବିଧାୟକ ପଦ୍ମଚରଣ ହାଇବ୍ରୁ ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ତୁରନ୍ତ ପୁନଃବିଚାର ପାଇଁ ଜଣାଇଛନ୍ତି । ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ର ଠାକୁରମୁଣ୍ଡାରେ କରାନଗଲେ ଜଣେ ହେଲେ ବହଳଦା ଯାଇ ପରୀକ୍ଷା ନଦେବା ପାଇଁ ଅଭିଭାବକ ମାନେ ନିଷ୍ପତ୍ତି ନେଉଛନ୍ତି । ଛାତ୍ର ଛାତ୍ରୀ ଏବଂ ଗରିବ ଆଦିବାସୀ ଆର୍ଥିକ ସ୍ଥିତିକୁ ବିଚାର କରି ଜିଲ୍ଲାପାଳ ତୁରନ୍ତ ଠାକୁରମୁଣ୍ଡା ବ୍ଲକରେ ପରୀକ୍ଷା କେନ୍ଦ୍ର ଚୟନ କରି ଘୋଷଣା କରିବାକୁ ଦାବି କରାଯାଇଛି ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଖୋଲା ଆକାଶ ତଳେ ଶିଶୁ ମାନଙ୍କ ଭବିଷ୍ୟତ



କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମୂଷାପାଲି ମୁଡଦୁଙ୍ଗୀଆ ପଡ଼ା ଅଙ୍ଗନ ୱାଡ଼ି କେନ୍ଦ୍ର ରେ ଛାତ ପଡ଼ିଛି ହେଲେ ନା ଅଛି କବାଟ ନା ଅଛି ଝରକା। ଦୃଶ୍ୟ ଦେଖିଲେ ଲାଗୁଛି ଯେମିତି ପ୍ରସାଶନ ଶିଶୁ ମାନଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଛି । ଏନେଇ ଅନେକ ଥର ପ୍ରସାଶନ କୁ ଜଣାଇଲା ପରେ ମଧ ପ୍ରସାଶନ ର ନିଘା ନାହିଁ । ସୂଚନା ଅନୁସାରେ ଆଜି କୁ ୧୮ବର୍ଷ ହୋଇଯିବ ଖୋଲା ଆକାଶ ତଳେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ବର୍ତ୍ତମାନ ବର୍ଷା ର ଆଗମନ ଯୋଗୁଁ ପାଠପଢା ରେ ବାଧା ସୃଷ୍ଟି ହେଉଛି । ପ୍ରଶାସନ ର ଅବହେଳା ଯୋଗୁଁ ବହୁତ ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି ।ଏହି ଅଙ୍ଗନ ୱାଡି କେନ୍ଦ୍ରକୁ ପ୍ରସାସନ ସହା ।ତାରାଶି ଦେଇ ଉନ୍ନତ କରଣ କଲେ ଶିଶୁ ଙ୍କ ଭବିଷ୍ୟତ ମଙ୍ଗଳ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି । ଖବର କାଗଜରେ ଖବର ପ୍ରକାଶିତ ହେବା ପରେ ପ୍ରସାସନ କ'ଣ ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖି ବାକୁ ରହିଲା ।

## ଜାତୀୟ ରାଜପଥ ଉପରେ ଦୁର୍ଘଟଣା ୩ ଗାଇ ମୃତ

ବଡ଼ଚଣା (ମହାଭାରତ) ଛତିଆ ରୁ ଚଣ୍ଡିଖୋଲ ଅଭିମୁଖେ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ବଡ଼ଚଣା ଓଭରବ୍ରିଜ ନିକଟରେ ଥିବା ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ କୌଣସି ଅଜଣା ଗାଡି ୪ଟି ଗାଇକୁ ଧକା ଦେଇ ଦୁର୍ଘଟଣା ଘଟାଇ ଥିଲା, ଏନେଇ ଖବର ପାଇ ସ୍ୱେଚ୍ଛାସେବୀ ସଂଘଟନ ଭାଇ ମାନେ ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଥିଲେ। ସୂଚନା ଯୋଗ୍ୟ ଯେ ଏଥିରୁ ୩ ଟି ଗାଇ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଜୀବିତ ଅବସ୍ଥାର ଗାଇଟି ର ଗୋଡ ଭାଙ୍ଗିଛି ଓ ନାଞ୍ଜ ସମ୍ପୁର୍ଣ୍ଣ ଛିଣ୍ଡି ଯାଇଛି,ବଡ଼ଚଣା ପୋଲିସ ପକ୍ଷରୁ ଗାଈ ଗୁଡିକୁ ସ୍ଥାନନ୍ତର କରାଯାଇଅଛି,ଗୁରୁତର ଭାବେ, ଆହତ ହୋଇଥିବା ଗାଈ ବର୍ତ୍ତମାନ ଚିକିତ୍ସାଧୀନ ରହିଛି।

## ଭିଜିଲାନ୍ସ ଜାଲରେ କଣିହାଁ ବ୍ଲକ ସୁଣୁବା ଗ୍ରାମ ପଞ୍ଚାୟତ ରସରପଞ୍ଚ ମାମାଲି ସାମଲ

ଅନୁଗୋଳ,(ମହାଭାରତ):ଭିଜିଲାନ୍ସ ଜାଲରେ କଣିହାଁ ବ୍ଲକ ସୁଣୁବା ଗ୍ରାମ ପଞ୍ଚାୟତ ରସରପଞ୍ଚ ମାମାଲି ସାମଲ। ସୂଚନା ମୁତାବକ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ସୁଣୁବା ଗ୍ରାମ ପଞ୍ଚାୟତ ର ସରପଞ୍ଚ ମାମାଲି ସାମଲ ପଦ୍ମ ଚରଣ ପ୍ରଧାନ ନାମକ ଜଣେ ଜୈନିକ ବ୍ୟକ୍ତିଙ୍କୁ ବନ୍ଧ କାମର ବିଲ୍ କରାଇଦେବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଜୈନିକ ବ୍ୟକ୍ତି ତାଙ୍କୁ ୨୦ ହଜାର ଟଙ୍କା ଦେଇଥିବା ବେଳେ ବର୍ତମାନ ଭିଜିଲାନ୍ସ ପଞ୍ଝାରେ ଧରା ପଡିଛନ୍ତି ସରପଞ୍ଚ ମାମାଲି ସାମଲ। ଯାହା ଫଳରେ ବର୍ତମାନ ଭିଜିଲାନ୍ସ ସୁଣୁବା ଗ୍ରାମପଞ୍ଚାୟତ ର ଯିଏ ସରପଞ୍ଚ ଅଛନ୍ତି ମାମାଲି ସାମଲ ଏବଂ ସରପଞ୍ଚଙ୍କ ସ୍ୱାମୀ ଶିଶିର ସାମଲ ଙ୍କୁ ଭିଜିଲାନ୍ସ ଅଟକ ରଖି ଅଧିକ ଖୋଳତାଡ କରୁଥିବା ଜଣା ପଡିଛି। କୁହାଯାଉଛି ଯେ ପଦ୍ମ ଚରଣ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ବନ୍ଧ କାମର ବିଲ୍ କରାଇ ଦେବାପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଯାହା ଭିଜିଲାନ୍ସ ତାଙ୍କୁ ଅଟକ ରଖିଛି।

## ଭାରତୀୟ ମଜଦୂର ସଙ୍ଘ ର ୭୦ତମ ପ୍ରତିଷ୍ଠା ଦିବସ

ଅନୁଗୋଳ ,(ମହାଭାରତ): ଆଜି ସଂଧ୍ୟା ୭:୦୦ ଘଟିକା ସମୟରେ ନାଲକୋ ନଗରସ୍ଥିତ କଲ୍ୟାଣ ମଣ୍ଡପରେ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୂଖ୍ୟ ଅତିଥି ଭାବେ ନାଲକୋର ଏସ ଆଣ୍ଡ ପି କମ୍ପ୍ଲେକ୍ସ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଏନ ସୁବ୍ରମଣ୍ୟମ ନେରାଲା ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ ର ମାନବ ସମ୍ବଳ ବିଭାଗ ର ସମୂହ ମହାପ୍ରବନ୍ଧକ ଶ୍ରୀ ଶୁଭେନ୍ଦୁ କୁମାର ନାୟକ ଏବଂ ବିଶେଷ ଅତିଥି ରୂପେ ମାନ୍ୟବର ଅନୁଗୁଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ଓ ମାନ୍ୟବର ପାଲଲହଡା ବିଧାୟକ ଶ୍ରୀ ଅଶୋକ ମହାନ୍ତି ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୂର ସଂଘର ଓଡିଶା ପ୍ରଦେଶ ସଭାପତି ମାନନୀୟ ଶ୍ରୀ ବାଦଲ ମହାରଣା ମହୋଦୟ ଆକର୍ଷର ର କେନ୍ଦ୍ର ବିନ୍ଦୁ ଥିଲେ। ପ୍ରଦୀପ ପ୍ରଜ୍ୱଳନ ସମସ୍ତ ଅତିଥି ମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଶ୍ରୀ ଦୀନବନ୍ଧୁ ଭୂତିଆ ଙ୍କଦ୍ୱାରା ସାମୂହିକ ଶ୍ରମିକ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଓ ସଙ୍ଗଠନ ସମ୍ପାଦକ ଶ୍ରୀ ଗୋପାଳ କୃଷ୍ଣ ମଲ୍ଲିକ ଙ୍କଦ୍ୱାରା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା ଓସଙ୍ଗଠନ ର ସଭାପତି ଶ୍ରୀ ମୁନା ସାମଲ ମହୋଦୟ କେନ୍ଦ୍ରମନ୍ତ୍ରୀ ଙ୍କ ହସ୍ତକ୍ଷେପ ଫଳରେ ନାଲକୋ ତଥା ନାଲକୋ କର୍ମଚାରୀ ମାନଙ୍କ ର ବିଭିନ୍ନ ସମସ୍ୟା ର ମୁଳୋତ୍ପାଟନ ହୋଇଥିବା ଧାରା ବିବରଣୀ ପ୍ରଦାନ କରିଥିଲେ ଓ ସଙ୍ଗଠନ ର ସାଧାରଣ ସମ୍ପାଦକ ଶ୍ରୀ ବିନୋଦ କୁମାର ସାମଲ ଆଲୁମିନିୟମ ମଜଦୂର ସଙ୍ଘ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ବିବରଣୀ ଉପସ୍ଥାପନ କରିବାସହିତ ବକେୟା ଥିବା ସମସ୍ୟା ଗୁଡ଼ିକ ର ଆଶୁ ସମାଧାନ ପାଇଁ କର୍ମଚାରୀ ମାନଙ୍କର ସହୋଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ମାନନୀୟ ଶ୍ରୀ ଶୁଭେନ୍ଦୁ ନାୟକ ନାଲକୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପାତ୍ର ଙ୍କ ଭାରତୀୟ ମଜଦୂର ସଙ୍ଘର ପ୍ରତିଷ୍ଠା ଦିବସର ବାର୍ତ୍ତା କୁ ପଠନ କରିବା ସହ ନାଲକୋ ପ୍ରଶାସନ ଓ ଶ୍ରମିକ ସଙ୍ଗଠନ ମଧ୍ୟରେ ସୁସମ୍ପର୍କ ସ୍ଥାପନା କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ଏନ ସୁବ୍ରମଣ୍ୟମ ନେରାଲା ତାଙ୍କ ଅଭିଭାଷଣରେ ନାଲକୋ ର ସୁପରିଚାଳନା ନିମନ୍ତେ ଶ୍ରମିକ ସଙ୍ଗଠନ ଗୁଡ଼ିକ ର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ପାରିପାର୍ଶ୍ୱିକଗ୍ରାମ ଗୁଡ଼ିକ ର ବିକାଶ ନିମନ୍ତେ ନାଲକୋ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଶ୍ରୀ ବାଦଲ ମହାରଣା ମହୋଦୟ ଶୂନ୍ୟରୁ ଶିଖର ରେ ପହଞ୍ଚି ଥିବା ଭାରତୀୟ ମଜଦୂର ସଙ୍ଘ ର ଯାତ୍ରା କୁ ପ୍ରତିପାଦିତ କରିଥିଲେ ଏବଂ ଶ୍ରମିକ ସମାଜ ଓ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡିକର ଉନ୍ନତି ନିମନ୍ତେ ଭାରତୀୟ ମଜଦୂର ସଙ୍ଘର ନୀତି ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥାପନା କରିଥିଲେ। ବିଶେଷ ଅତିଥି ମାନ୍ୟବର ବିଧାୟକ ଗଣ ନାଲକୋର ସି ଏସ ଆର ଫଣ୍ଡ ର ସୁବିନିଯୋଗ କରି ପାରିପାର୍ଶ୍ୱିକ ଗ୍ରାମ ଗୁଡିକର ଉନ୍ନତି କରିବା ନିମନ୍ତେ ପ୍ରାଧାନ୍ୟ ଦେଇଥିଲେ।

## ଜଳ ବନ୍ଦୀରେ ନଅଶହରୁ ଅଧିକ ଲୋକ, ସମସ୍ୟାର ସମାଧାନ ପାଇଁ ପ୍ରଶାସନ ନୟାନ୍ତ

ଅନୁଗୋଳ,(ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ କାଣ୍ଡସର କହ୍ନେଇ ନଗର ଟି ତଳୁଆ ଅଞ୍ଚଳ ହୋଇଥିବା କାରଣରୁ ପ୍ରତ୍ୟେକ ବର୍ଷ ବର୍ଷା ଦିନରେ ଏଠିକାର ଅଞ୍ଚଳ ବାସୀ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଶିଳ୍ପ ନଗରୀ ନାଲକୋ ପ୍ରତିଷ୍ଠା ଦିନ ଠାରୁ ନାଲକୋ ଅଞ୍ଚଳରେ ବ୍ୟବସାୟ, ଠିକାଦାର ଓ କିଛି କାଣ୍ଡସର ଲୋକେ ଏହି ଅଞ୍ଚଳରେ ଘର କରି ରହି ଆସିଛନ୍ତି । ଚାଳିଶ ବର୍ଷ ରୁ ଅଧିକ ସମୟ ହେବ ପ୍ରାୟ ପନ୍ଦର



ଶହ ରୁ ଅଧିକ ଜନବସତି ଥିବା ଏହି ସାହି ରେ ବର୍ଷା ହେଲେ ନଅ ଶହ ଲୋକ ତିନି ଫୁଟ ରୁ ଅଧିକ ପାଣି ରେ ଯିବା ଆସିବା କରିଥାନ୍ତି । ଡ୍ରେନେଜ୍ ର ସୁବିଧା ନ ଥିବା କାରଣରୁ ଦୀର୍ଘ ଦିନ ଧରି ଏଭଳି ସମସ୍ୟା ଲାଗି ରହିଛି । ପ୍ରତ୍ୟେକ ବର୍ଷା ଦିନରେ କହ୍ନେଇ ନଗର ରେ ରହୁଥିବା ଲୋକମାନେ ଜଳବନ୍ଦୀ ସମସ୍ୟା ଦେଇ ରହୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ହୋଇ ପାରି ନାହିଁ। ସେହିଭଳି ଚଳିତ ବର୍ଷ ମଧ ଆରମ୍ଭରୁ ପ୍ରଥମ ବର୍ଷାରେ ଚାରି ଫୁଟ ର ବର୍ଷା ଜଳ ସେହି ଅଞ୍ଚଳରେ ଲହଡ଼ି ମାରୁଛି । ସାହି ର ଶେଷ ମୁଣ୍ଡରେ ଥିବା ଜଣେ ଖଳ ପ୍ରକୃତି ର ଲୋକ ତାର ଘର ସାମ୍ନାରେ ମାଟି ବିଛାଇ ପାଣି କୁ ଅବାଧ କରି ଦେଇଥିବାରୁ ରାସ୍ତା ରୁ ପାଣି ଗୁଡିକ ନିଷ୍କାସନ ହୋଇ ପାରୁନାହିଁ । ସମସ୍ୟାର ସମାଧାନ ପାଇଁ କହ୍ନେଇ ନଗର ବାସୀ ବଅଁରପାଳ ତହସିଲଦାର ଙ୍କୁ ଅବଗତ କରାଇଥିଲେ । ସମସ୍ୟା ର ଗୁରୁ କୁ ବୁଝି ତହସିଲଦାର କୁରୁଡ଼ୋଲ ର ରାଜସ୍ୱ ନିରୀକ୍ଷକ ଙ୍କୁ ପଠାଇବା ସହ ପୋଲିସ ମଧ ଘଟଣା ସ୍ଥଳ କୁ ଯାଇଥିଲେ ମଧ ଏହାର ସମାଧାନ ହୋଇପାରି ନାହିଁ ।ଯାହା ଫଳରେ ଚାରି ଦିନ ହେବ ସେମାନେ ଜଳବନ୍ଦୀ ଭାବରେ ନିଜ ଘର ଗୁଡ଼ିକରେ ଅଛନ୍ତି ।

## କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଅନୁଗୋଳ,(ମହାଭାରତ): ପିଲାମାନଙ୍କ ମଧ୍ୟରେ ବିଭିନ୍ନତା ହିଁ ତାଙ୍କର ସୁନ୍ଦରତା ।ଏହି ବିଭିଉତା ମଧ୍ୟରେ ଥିବା ଦକ୍ଷତା ବୃଦ୍ଧି କରିବାପାଇଁ ଶିକ୍ଷକ ମାନଙ୍କର ଗୁରୁ ଦାୟିତ୍ୱରେ ରହିଛି । ଦକ୍ଷତା , ଜୀବନ କୈାଶଳ ,ଓ ସ୍ୱାଭିମାନ ପାଇଁ ପଢିବା ଆବଶ୍ୟକ , ପରୀକ୍ଷା ପାଇଁ ନୁହେଁ ସୁତରାଂ ସଫଳତା ପାଇଁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ସାର୍ଥକତା ଆଡକୁ ଯାଆନ୍ତୁ ବୋଲି କିଶୋରନଗର ଉଚ୍ଚ ବିଦ୍ୟାଳୟର ୬୭ତମ ପ୍ରତିଷ୍ଠା ଦିବସ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଡ଼ା ଅଲେଖ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ।

## ପୁଣି ଜନନୀ ଯନ୍ତ୍ରଣା, ଭାରରେ ବୁହାହେଲେ ଗର୍ଭବତୀ

ନାରାୟଣପାଟଣା(ମହାଭାରତ): ଗାଁକୁ ରାସ୍ତା ନଥିବାରୁ ତିନି କି.ମି. ବର୍ଷାରେ ଭିଜିଭିଜି ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଲେ ଗର୍ଭବତୀ । ଏଭଳି ଘଟଣା କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତର ଡକରୀ ଗାଁରେ ଘଟିଛି।



ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତ ମୁଖ୍ୟ ଦପ୍ତରଠାରୁ ତିନି କି.ମି.ଦୂରରେ ଅବସ୍ଥିତ ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ । ଯେଉଁ ମାଟି ରାସ୍ତାଟି ଅଛି ବର୍ଷା ଦିନ ଆସିଗଲେ ତାହା ନ କହିବା ଭଲ ଓ ଗତ କିଛି ଦିନ ହେବ ବର୍ଷା ଲାଗିରହୁଥିବାରୁ କାଦୁଅ ପଚପଚ ଜଙ୍ଗଲ ରାସ୍ତାରେ ଜରି ଘୋଡ଼େଇ ବାଉଁଶ ଠେଙ୍ଗା ଭାରରେ କାନ୍ଧରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ତିନି କି.ମି. ଅତିକ୍ରମ କରି ଆସିଲେ ଗର୍ଭବତୀ ମହିଳା । ଡୋକରୀଘାଟି ଗାଁର ରମେଶ ତାଡିଙ୍ଗିଙ୍କ ସ୍ତ୍ରୀ ମଙ୍ଗଳବାର ସକାଳୁ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇଥିଲେ । ସୋମବାର ରାତିରୁ ବର୍ଷା ଲାଗିରହିଥିବାରୁ କାଦୁଅ ପଚପଚ ରାସ୍ତାରେ ଗାଁକୁ ଆମ୍ବୁଲାନ୍ସ ଆସିବା ସମ୍ଭବ ହୋଇନଥିଲା । ଫଳରେ ଆମ୍ବୁଲାନ୍ସ ତଳଗୁମାଣ୍ଡିରେ ଅଟକି ରହିଥିଲା କୌଣସି ଉପାୟ ନପାଇ ବାଉଁଶ ଠେଙ୍ଗାକୁ ଭାର କରି ସେଥିରେ ଏକ ଲୁଗା ବାନ୍ଧି ତା ଭିତରେ ପ୍ରସୂତୀଙ୍କୁ ରଖି ଜରି ଘୋଡାଇ ତିନି କି.ମି. ବୋହି ଆଣିଥିଲେ। ଏ ଦୃଶ୍ୟକୁ ଗ୍ରାମବାସୀ ଭିଡିଓ କରି ଭାଇରାଲ କରିଛନ୍ତି ଓ କିପରି ଗର୍ଭବତୀ ବୁହା ହେଉଛନ୍ତି, ଗାଁର ସମସ୍ୟା ବଖାଣିଛନ୍ତି। ସେ ବର୍ତ୍ତମାନ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି ଓ ସରକାର ତୁରନ୍ତ ସ୍ଥାୟୀ ରାସ୍ତା ନିର୍ମାଣ କରିବା ପାଇଁ ଲୋକେ ଅନୁରୋଧ କରିଛନ୍ତି।

## ତିନିଦଫା ଦାବି ନେଇ ଖୋର୍ଦ୍ଧା ଜିଲ୍ଲା ପ୍ରେସକ୍ଲବ୍ ସଦସ୍ୟଙ୍କ ଦାବୀପତ୍ର



ଖୋର୍ଦ୍ଧା:(ମହାଭାରତ) ବର୍ତ୍ତମାନ ସାରା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଆକ୍ରମଣର ଶିକାର ହୋଇଥାନ୍ତି। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ତିନିଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି। ଏତଦ୍ ବ୍ୟତୀତ ପୂର୍ବ ସରକାର ସମୟରେ ସାମ୍ବାଦିକ ମାନଙ୍କ ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିବା ବୀମା ଯୋଜନା ରାଶିକୁ ୫ଲକ୍ଷରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ପିତା ମାତାଙ୍କୁ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ ୬୦ବର୍ଷ ବୟସ ଅତିକ୍ରମ କରିଥିବା କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ ପାଇଁ ଦାବି କରା ଯାଇଥିଲା। ଏହିପରି ତିନି ଦଫା ଦାବି ନେଇ ଜିଲ୍ଲା ପ୍ରେସ କ୍ଲବର ସମସ୍ତ ସଦସ୍ୟ ମୁଖ୍ୟମନ୍ତ୍ରୀ ଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରିଥିଲେ। ପ୍ରେସ କ୍ଲବ୍ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ତଥା ଓୟୁଜେ ଖୋର୍ଦ୍ଧା ଶାଖା ସଭାପତି ତପନ କୁମାର ନାୟକ, ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ସଭାପତି ପ୍ରକାଶ କୁମାର ହାତୀ ଏବଂ ଉତ୍କଳ ସାମ୍ବାଦିକ ସଂଘର କୋଷାଧ୍ୟକ୍ଷ ତଥା ପ୍ରେସକ୍ଲବ୍ର ଆଇନ ପରାମର୍ଶଦାତା ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ସମେତ ଜିଲ୍ଲାର ଅନ୍ୟ ସାମ୍ବାଦିକ ମାନେ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରି ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରେସ କ୍ଲବର ଦାବିପତ୍ର କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ସାମ୍ବାଦିକ ମାନଙ୍କ ଦାବି ପ୍ରତି ସମ୍ମତି ପ୍ରକାଶ କରିବା ସହିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଭଙ୍ଗା ପୋଲ ପୁନରଉଦ୍ଧାର ପାଇଁ ଜିଲ୍ଲା ପାଳଙ୍କ ନିର୍ଦ୍ଦେଶ



ଅନୁଗୋଳ,(ମହାଭାରତ):ବଅଁରପାଳ ବ୍ଲକ ଅନ୍ତର୍ଗତ କାଣ୍ଡସର ଗ୍ରାମ ପଞ୍ଚାୟତର ଗ୍ରାମବାସୀ କନ୍ୟାବେଢ଼ା ଗ୍ରାମକୁ ଥିବା ଏକ ମାତ୍ର ରାସ୍ତା ରଥମୁଣ୍ଡା ଦଣ୍ଡା ପୋଲ ଗତ ଏପ୍ରିଲ ମାସ ଠାରୁ ଭାଙ୍ଗି ଯାଇଛି। ଏହି ରାସ୍ତା ଉପରେ ପ୍ରାୟ ୧୦ ଖଣ୍ଡ ମୌଜାର ଲୋକ ଦୈନିକ ଯିବାଆସିବା କରୁଥିବା ବେଳେ କାଣ୍ଡସର ଗ୍ରାମରୁ ଏଫସିଆଇକୁ ସଂଯୋଗ କରୁଥିବା ଏହା ହେଉଛି ଏକମାତ୍ର ରାସ୍ତାୟ ଏବେ ପୋଲ ଭାଙ୍ଗିଯାଇଥିବାରୁ ଲୋକମାନେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ପୋଲ ଦେଇ ସ୍କୁଲ ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଚାଷୀ ପର୍ଯ୍ୟନ୍ତ ଯିବା ଆସିବା ରେ ସମସ୍ୟା ଉପୁଜିଛ। ସୂଚନା ଅନୁଯାୟୀ ଏହି ରଥ ମୁଣ୍ଡା ପୋଲଟି ୧୨ଫୁଟ ଚଉଡ଼ା ୨୦ଫୁଟ ଲମ୍ବ ଗତ ୪ମାସ ହେବ ଭାଙ୍ଗି ପଡ଼ି ଥିଲେ ମଧ କେହି ସହଯୋଗ କରୁ ନାହାଁନ୍ତି। ଉକ୍ତ ପୋଲ ଭାଙ୍ଗିବାର କାରଣ ୫୫ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ଥିବା ସମୟରେ ରାସ୍ତା ଜାମ ରହୁଛି ସେଥିରୁ ମୁକ୍ତି ପାଇବା ଆଶାରେ କାଣ୍ଡସର-କନ୍ୟା ବେଢ଼ାକୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତାରେ ଭାରିଜାନ ଗାଡ଼ି ଯିବା ଫଳରେ ଉକ୍ତ ବ୍ରିଜ ଅଧାରୁ ଭାଙ୍ଗି ଯାଇଛି। ଯାହା ଫଳରେ କେଉଁ ମୁହୂର୍ତ୍ତ ରେ ଭାଙ୍ଗି କାହାର ଜୀବନ ଚାଲି ଜିବ ତାହା ଦେଖିବକୁ ବାକି ରହିଛ। ଉକ୍ତ ବ୍ରିଜକୁ ଦୀର୍ଘ ୨୨-୨୫ ବର୍ଷ ପୂର୍ବେ ନାଲ୍କୋ ପାରିପାର୍ଶ୍ଵିକ ଉଉୟନ ପାଣ୍ଠିରୁ ଏହା ନିର୍ମାଣ କରଯାଇଥିଲା ।ବିଭିନ୍ନ ଗଣ ମଧ୍ୟମ ରେ ପ୍ରକାଶିତ ହେଇଥିଲେ ମଧ ନାଲକୋ ପ୍ରଶାସନ ନା ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଆଡ଼ ଆଖିରେ ବି ଦେଖିଲେ ନାହିଁ।ଏଣୁ ଏହି ବ୍ରିଜ ଟିକୁ ପୁନରୁଦ୍ଧାର ପାଇଁ କାଣ୍ଡସର-କନ୍ୟା ବେଢ଼ା ଯିବା ରାସ୍ତାରେ ଭାଙ୍ଗି ଜାଇ ଥିବା ବ୍ରିଜର ପୁନରଉଦ୍ଧାର ପାଇଁ କାଣ୍ଡସର ଗ୍ରାମବାସୀ ସୋମନାଥ ପୃଷ୍ଟି, ସୁଜି କୁମାର ବେହେରା,ଶୁଶାନ୍ତ କୁମାର ବେହେରା, ବିନୟ କୁମାର ମହାପାତ୍ର,ତ୍ରିପୁର ସାହୁ, ଗଗନ ବେହେରା, ସଞ୍ଜୟ କୁମାର ମୁଦୁଲି ଅଭିଯୋଗ କରିଥିଲେ। ଏ ନେଇ ଉକ୍ତ ବ୍ରିଜର ପୁନରଉଦ୍ଧାର ପାଇଁ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଉକ୍ତ ବ୍ରିଜ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ବିଭିଗୀୟ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ।

## ବଳଦ ଟାଣିନେବାରୁ ବୃଦ୍ଧଙ୍କ ମୃତ୍ୟୁ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୁଳୀ ପଞ୍ଚାୟତ ମଙ୍ଗଳବାର ଦିନ ନିଜ ବିଲ ରେ ସକାଳୁ ହଳ କରୁଥିବା ସମୟରେ ଜଣେ ୬୦ବର୍ଷ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ବାଉଁଶୁଳୀ ଗ୍ରାମର ସମରା ମୁଣ୍ଡା ବୋଲି ଜଣାପଡିଛି ।ସୂଚନା ରୁ ପ୍ରକାଶ ବୃଦ୍ଧ ସମରା ମୁଣ୍ଡା ସକାଳୁ ହଳ ବିଲରେ କାଦୁଅ କରୁଥିବା ସମୟରେ ଦୁଇ ବଳଦ ହଳ ସହ ଇଶ କୁ ଖୁବ୍ ଜୋର ରେ ଟାଣି ନେଇ ଥିଲେ। ଫଳରେ ସମରା ଘୋଷାଡି ହୋଇ ବିଲ ର ପାଣି କାଦୁଅ ଭିତରେ ମୁହଁ ମାଡ଼ି ପୋତି ହୋଇ ଗୋଟେ ଦୁଇଟି ବିଲ ପାରି ହୋଇ ଯାଇ ଜୀବନ ଚାଲିଯାଇ ଯାଇଥିଲା । ଖବର ପାଇ ଘଟଣାସ୍ଥଳ ରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ କୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇ ଯାଇ ଶବ ଏଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲା।

### ନୟାଗଡ଼ କଲେଜରେ ଟ୍ୟୁସନକୁ ନେଇ ବଢୁଛି ବିବାଦ

## ଅଧ୍ୟାପିକାଙ୍କ ସପକ୍ଷରେ ବାହାରିଲେ ଛାତ୍ରଛାତ୍ରୀ

ନୟାଗଡ଼, ( ମହାଭାରତ ) : ଘରୋଇ ଟ୍ୟୁସନକୁ କେନ୍ଦ୍ର କରି ନୟାଗଡ଼ ସ୍ୱୟଂଶାସିତ କଲେଜରେ ସୃଷ୍ଟି ହୋଇଥିବା ବିବାଦ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗଣିତ ବିଭାଗର ଅଧ୍ୟାପିକା ନୀତା ମହନ୍ତଙ୍କ ସପକ୍ଷରେ ଗତ ୧୭ ତାରିଖ ଦିନ କମ୍ପ୍ୟୁଟର ସାଇନସ୍ (ସିଏସ୍) ଓ ଇନ୍ଫରମେସନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ (ଆଇଟିଏମ୍) ବିଭାଗର ଛାତ୍ରଛାତ୍ରୀ ମାନେ ଓହ୍ଲାଇଛନ୍ତି। ଅଧ୍ୟାପିକାଙ୍କୁ ଅଯଥାରେ ବଦନାମ୍ କରାଯାଉଥିବା ବେଳେ ଏ ନେଇ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ନଚେତ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଛାତ୍ରଛାତ୍ରୀ ମାନେ କଲେଜ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଫଳରେ ଏବେ ଏହି ଘଟଣାକୁ ନେଇ କଲେଜ ଛାତ୍ରଛାତ୍ରୀ ଦୁଇ ଭାଗ ହୋଇଯାଇଛନ୍ତି। ଆରମ୍ଭରୁ ଏହି ଘଟଣାକୁ କଲେଜ ଅଧ୍ୟକ୍ଷ ସେତେଟା ଗୁରୁତ୍ୱ ପ୍ରଦାନ କରି ନାହାନ୍ତି। ସତ୍ୟାସତ୍ୟ ଜାଣିବା ପାଇଁ ଗୋଟିଏ ୬ ଜଣିଆ କମିଟି ଗଠନ କରାଗଲା, ଯେଉଁମାନେ ଅଧ୍ୟାପିକାଙ୍କୁ କ୍ଲିନ୍ ଚିଟ୍ ଦେଇଥିଲେ। ଏହାପରେ ଅଭିଯୋଗ କରିଥିବା ଛାତ୍ରୀ




ବିଦ୍ୟାବିଜିତା ମହାନ୍ତିଙ୍କୁ ଅଧ୍ୟାପିକା ନୀତା ମହାନ୍ତ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହେଲା। ଏବେ ଯେତେବେଳେ ବିବାଦ ବଢ଼ିବଢ଼ି ଚାଲିଛି ଗତ ୧୭ ତାରିଖ ଦିନ ଛାତ୍ରଛାତ୍ରୀ ମାନେ ଅଧ୍ୟାପିକାଙ୍କ ସପକ୍ଷରେ ବାହାରିବା ଘଟଣା ଏହି ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ହେଉଛି, କଲେଜ ଅଧ୍ୟକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ କିଏ ଠିକ୍ ଓ କିଏ ଭୁଲ୍ ପ୍ରକାଶ କରନ୍ତୁ। ନଚେତ୍ କଲେଜ ସେମିତି ବଦନାମ୍ ହେଉଥିବା ଅନ୍ୟପଟେ, ୧୭ ତାରିଖ ଦିନ ଅପରାହ୍ନ ରେ ବିଦ୍ୟାବିଜିତା ଓ ତାଙ୍କ ବାପାଙ୍କୁ ଘଟଣାର ଆପୋଷ ସମାଧାନ ପାଇଁ କଲେଜକୁ ଡକାଯାଇଥିଲାୟ ମାତ୍ର ଏହି ଆଲୋଚନା ସଫଳ ହୋଇନଥିବା ଜଣାପଡ଼ିଛି। ଅନ୍ୟପଟେ ବିଦ୍ୟାବିଜିତାଙ୍କ ବାପା ଆଇନଜୀବୀ ବଳଭଦ୍ର ମହାନ୍ତି ଏହି ଘଟଣାରେ ମାନବାଧିକାର କମିସନଠାରୁ ଆରମ୍ଭ କରି ସମସ୍ତ ଫୋରମ୍ ରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏହାସହ ସେ ଛାତ୍ରଛାତ୍ରୀଙ୍କ ଏହି ଦାବିପତ୍ରକୁ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି କହିଛନ୍ତି। ନିଜେ ବର୍ତ୍ତିବା ପାଇଁ ଅଧ୍ୟାପିକା ଜଣକ ଏହି ଛାତ୍ରଛାତ୍ରୀ ମାନଙ୍କୁ ଢାଲ କରିଛନ୍ତି। ଜଣେ ଛାତ୍ରୀର ଅଭିଭାବକ ହିସାବରେ ସେ ଏହି ସ୍ୱର ଉଠାଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# କେ-ଗ୍ୟାଙ୍ଗର ଉତ୍ପାତ, ଦିନରେ ରେକି, ରାତିରେ ଡକାୟତି

**ନୟାଗଡ,(ମହାଭାରତ) :** ନୟାଗଡ଼ରେ ହୋଇଥିବା ସିରିଜ୍ ଡକାୟତିକୁ ନେଇ ଜିଲ୍ଲା ପୁଲିସ କେବଳ ଚିନ୍ତାରେ ନାହିଁ, ପଡ଼ୋଶୀ ଜିଲ୍ଲା ସମେତ ଅନ୍ୟ କିଛି ଜିଲ୍ଲାରେ ମଧ୍ୟ ସମାନ ଢଙ୍ଗରେ ମାଲମାଲ ଡକାୟତି ଏବେ ସମସ୍ତଙ୍କୁ ଚକିତ କରିଛି। ପରିସ୍ଥିତି ଏପରି ହୋଇଛି ଯେ, ଏହି ସିରିଜ୍ ଡକାୟତି କରୁଥିବା ଗ୍ୟାଙ୍ଗକୁ ଧରିବା ପାଇଁ ବିଭିନ୍ନ ଜିଲ୍ଲାର ପୁଲିସ ଏବେ ତନାଘନା ଆରମ୍ଭ କରିଛନ୍ତି। ସିସିଟିଭିରେ କଏଦ ହୋଇଥିବା ଏହି ଦୁର୍ବୃତ୍ତ ମାନଙ୍କର ଫଟୋକୁ ପୁଲିସ ଅଧିକାରୀଙ୍କ ମଧ୍ୟରେ ବାଣ୍ଟି ସେମାନଙ୍କୁ ଖୋଜା ଚାଲିଛି। ତଥାପି ସେମାନଙ୍କ ନିକଟରେ କେହି ବି ପହଞ୍ଚି ପାରୁ ନାହାନ୍ତି। ପୁଲିସ ପାଇଁ ଏବେ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଖୋର୍ଦ୍ଧା, ଗଞ୍ଜାମ ସମେତ ସୁନ୍ଦରଗଡ଼ ଓ ବଲାଙ୍ଗୀରର ବିଭିନ୍ନ ଅଞ୍ଚଳରେ ମଧ୍ୟ ଏହି ଗ୍ୟାଙ୍ଗ୍ ସିରିଜ୍ ଡକାୟତି କରି ଫେରାର ହୋଇଯାଇଛନ୍ତି। ଏ ସମସ୍ତ ଜିଲ୍ଲାର ସଂପୃକ୍ତ ଥାନାରେ ସେମାନେ ଗୋଟିଏ ଘରୁ ନୁହେଁ, ନୟାଗଡ଼ ପରି ସିରିଜ୍ ଲୁଟ୍ କରି ଫେରାର ହୋଇଯାଇଛନ୍ତି। ପୁଲିସ ଯାହା ଅନୁମାନ କରୁଛି, ଏମାନଙ୍କର ଏକାଧିକ ସଦସ୍ୟ ଗୋଟିଏ ସ୍ଥାନରେ ପହଞ୍ଚିବା ପରେ ଅଲଗା ଅଲଗା ହୋଇ ବିଭିନ୍ନ ଗାଁରେ ରେକି କରୁଛନ୍ତି। କାହା ଘରେ କେତେ ଜଣ ସଦସ୍ୟ ଅଛନ୍ତି ? କେଉଁ ଘରେ ତାଲା ପଡ଼ିଛି, ଏସବୁ ନଜର କରିବା ପରେ ସେମାନେ ଡକାୟତି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ସେଥିରେ ସଫଳ ହେଉଛନ୍ତି। ନୟାଗଡ଼ ଜିଲ୍ଲାରେ ଏହି ଘଟଣା ଘଟିବା ପୂର୍ବରୁ କିଛି ଲୋକ କମ୍ବଳ ବିକ୍ରି କରିବା ପାଇଁ ଆସିଥିଲେ। କମ୍ବଳ ବିକ୍ରି ବାହାନାରେ ସେମାନେ ସମସ୍ତ ଗାଁ ଉପରେ ନଜର ରଖୁଥିବା ନେଇ ପୁଲିସ ସନ୍ଦେହ କରୁଛି। ନୟାଗଡ଼ରେ ପ୍ରଥମେ ଓଡ଼ଗାଁ ପରେ ସଦର, ରାଜସୁନାଖଳା ଓ ଭାପୁରରେ ଏମିତି ଶୈଳୀରେ ଲୁଟ୍ ହୋଇଥିଲା। ପରେ ସମସ୍ତେ ଏବେ ଜିଲ୍ଲା ଛାଡ଼ି ଚାଲିଯାଇଛନ୍ତି। ସିସିଟିଭିରୁ ମିଳିଥିବା ଫଟୋରୁ ଏହି ଡକାୟତ ମାନଙ୍କୁ ଅନ୍ୟ ଜିଲ୍ଲାର ପୁଲିସ ହୁଅନ୍ତୁ ଅବା ଗୁପ୍ତଚରମାନେ କେହି ଚିହ୍ନ ପାରୁ ନାହାନ୍ତି। ଏହି ଡକାୟତ ମାନଙ୍କୁ ଧରିବା ପାଇଁ ଜିଲ୍ଲା ପୁଲିସର ବଛା ବଛା ଅଧିକାରୀ ମାନଙ୍କୁ ନେଇ ଗଠନ କରାଯାଇଥିବା ଟିମ୍ ଏବେ ବି ସଫଳ ହୋଇ ନାହିଁ। ଏହି ଘଟଣାରେ ଡକାୟତ ମାନେ ଆଦୌ ମୋବାଇଲ ବ୍ୟବହାର କରି ନାହାନ୍ତି। ଏଣୁ ସେମାନେ ନିଶ୍ଚିତ ପେସାଦାର ବୋଲି ପୁଲିସ ଅନୁମାନ କରୁଛି। ସିସିଟିଭି ଫୁଟେଜରୁ ମିଳିଥିବା ଚିତ୍ରରୁ ସେମାନଙ୍କୁ ଯେହେତୁ ଚିହ୍ନଟ କରି ହେଉ ନାହିଁ, ବାହାର ରାଜ୍ୟରୁ ଆସି ହଠାତ୍ ଏମିତି ଡକାୟତି କରି ପୁଣି ଥରେ ଫେରାର ହୋଇଯାଇଥିବା ଚର୍ଚ୍ଚା ଚାଲିଛି। ସେମାନେ ଗୋଟିଏ ଜିଲ୍ଲାରେ ପହଞ୍ଚିଛନ୍ତି ସିରିଜ୍ ଲୁଟ୍ କରୁଛନ୍ତି ଓ ଅଲଗା ଅଲଗା ହୋଇ ଆଉ ଏକ ଜିଲ୍ଲାରେ ଯାଇ ସମାନ ଢଙ୍ଗରେ ଲୁଟୁଛନ୍ତି। ଏହା ପୁଲିସ ପାଇଁ ଅଡୁଆ ବଢ଼ାଇଛି।

# ବିଏମଏସର ୭୦ତମ ପ୍ରତିଷ୍ଠା ଦିବସ ଓ ରକ୍ତଦାନ ଶିବିର



**କଣିହାଁ,(ମହାଭାରତ) :** ଅନୁଗୋଳ ଜିଲ୍ଲା କଣିହାଁ ସ୍ଥିତ ଏନଟିପିସି ବିଦ୍ୟୁତ୍ ପ୍ରକଳ୍ପର ଦୀପତରଙ୍ଗ କ୍ଲବ ଠାରେ ମଙ୍ଗଳବାର ବିଦ୍ୟୁତ କର୍ମଚାରୀ ସଂଘ ସହବନ୍ଧିତ ଭାରତୀୟ ମଜୁଦୁର ସଂଘ (ବିଏମଏସ) ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ର ଜିଏମ ଓ ଆଣ୍ଡ୍ ଏମ୍ ସତ୍ୟ ରାମକୃଷ୍ଣ ,ଏ.ଜେ ରାଜକୁମାର ,ହେଡ୍ ଅଫ ଏଚଆରେ ନବନିତ୍ କୁମାର, ମୁଖ୍ୟ ବକ୍ତା ଭାବେ ବିଏମଏସ ରାଜ୍ୟ ଅଧ୍ୟକ୍ଷ ବାଦଲ କୁମାର ମହାରଣା , ସମ୍ମାନିତ ଅତିଥି ଭାବେ ବିଏମଏସ ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ପାଢ଼ୀ,କଣିହାଁ ତହସିଲଦାର ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।ବିଦ୍ୟୁତ୍ କର୍ମଚାରୀ ସଂଘ ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।ସଂଘର ଏପରି ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଏପରି ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟ ବକ୍ତା ଶ୍ରୀ ମହାରଣା ପରାମର୍ଶ ଦେଇଥିଲେ ଓ ଶେଷରେ ଏନଟିପିସି ମଜଦୁର ମହାସଂଘର ସାଧାରଣ ସମ୍ପାଦକ ତଥା ବିଦ୍ୟୁତ କର୍ମଚାରୀ ସଂଘ ସଭାପତି ବିରେନ୍ଦ୍ର କୁମାର କାନୁନଗୋ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେର ଏକ ରକ୍ତଦାନ ଶିବିର ଅୟୋଜନ ହୋଇଥିଲା । ତାଳେଚର ରକ୍ତଭଣ୍ଡାର ପକ୍ଷରୁ ୬୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏନଟିପିସି ସମେତ ବ୍ଲକ ଅଞ୍ଚଳରେ ଥିବା ଏମସିଏଲ, ଜେଆଇଟିପିଏଲ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ଓ କର୍ମଚାରୀଙ୍କ ସହିତ ଡିଏଭି ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସପାଲଙ୍କ ସହିତ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ସାହୁ, ଦୟାନିଧି ଗଡ଼ନାୟକ,ପଞ୍ଚାନନ ସାହୁ, ସରୋଜ ସାହୁ,ଦଶରଥ ସାହୁ, ପ୍ରଶାନ୍ତ ବେହେରା, ହୃଦାନନ୍ଦ ସାହୁ, ବିନୋଦ ସାହୁ,ମଦନ ସାହୁ,ସନାତନ ସାହୁ, ଯଦୁମଣି ସାହୁ,ରମାକାନ୍ତି ପ୍ରଧାନ ,ଦିପ୍ତିମୟୀ ସାହୁ, ଅଶାନ୍ତି ରାଉଳଙ୍କ ସମେତ ବିଦ୍ୟୁତ୍ କର୍ମଚାରୀ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

## ଯୁବତୀର ଝୁଲନ୍ତା ମୃତ ଦେହ ଉଦ୍ଧାର



**ଗଜପତି,(ମହାଭାରତ) :** ଝୁଲନ୍ତା ମୃତ ଉଦ୍ଧାର କରିଛି ପୋଲିସ । ଗଜପତି ଜିଲ୍ଲା ମୋହନା ସ୍ଥାନୀୟ ମାଣିକେଶ୍ୱରି ସାହି ସ୍ଥିତ ଜାଗୃତି ହୋମରେ ଜଣେ ଯୁବତୀର ଝୁଲନ୍ତା ମୃତ ଦେହକୁ ପୋଲିସ ଉଦ୍ଧାର କରିଥିବା ବେଳେ କାରଣ ଅସ୍ପଷ୍ଟ ରହିଛି। ମୃତ ଯୁବତି ଜଣଙ୍କ ଆର.ଉଦୟଗିରି ଥାନା ପାରିବେଟା ଗାଁର ସୋନାଲି ଗମାଙ୍ଗ ବୋଲି ଜଣା ପଡ଼ିଛି । ଗତ କିଛି ଦିନ ହେଲା ଯୁବତୀ ଜଣଙ୍କ ମାନସିକ ସ୍ଥିତି ହରାଇ ଘର ଛାଡ଼ି ବାହାରେ ଏଣେତେଣେ ବୁଲୁଥିବା ଦେଖି ଗତକାଲି ପ୍ରଶାସନ ପକ୍ଷରୁ ଯୁବତୀ ଜଣଙ୍କୁ ଉଦ୍ଧାର କରି ମୋହନା ସ୍ଥିତ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ଦ୍ୱାରା ପରିଚାଳିତ ଜାଗୃତି କ୍ଷଣସ୍ଥାୟୀ ଆବାସ କେନ୍ଦ୍ରରେ ଥଇଥାନ କରାଯାଇଥିଲା । ତେବେ ଆଜି ସାନ୍ଧ୍ୟ ସମୟରେ ଅନୁଷ୍ଠାନର କର୍ତ୍ତୃପକ୍ଷ ଯୁବତୀ ଜଣଙ୍କର ଝୁଲନ୍ତା ମୃତ ଦେହ ଦେଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବତୀର ମୃତ ଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

## ଆସିକା ବାଲିଛାଇ ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ସମାଧାନ ପାଇଁ ବୈଠକ



**ଆସିକା ,(ମହାଭାରତ) :** ଆସିକା ବ୍ଲକ ବାଲିଛାଇ ପଞ୍ଚାୟତ ଆସିକା ଥାନା ଅଧୀନ ବାଲିଛାଇ ଗ୍ରାମରେ ଦୀର୍ଘ ୨୦ ବର୍ଷ ଧରି ଲାଗିରହିଥିବା ସବର୍ଣ୍ଣ ଅସବର୍ଣ୍ଣ ବିବାଦ ର ସମାଧାନ ସକାଶେ ସବର୍ଣ୍ଣ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୀର୍ଘ ଦିନର ଏହି ସମସ୍ୟାର ସମାଧାନ ପାଇଁ ଗୁହାରି କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲାପାଳ ତୁରନ୍ତ ଏକ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ କ୍ରମେ ଆଜି ଆସିକା ଥାନା ପରିସରରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠି ଓ ବିଶ୍ୱରଂଜନ କର, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୀୟ କୁମାର ମହାପାତ୍ର, ଆସିକା ବିଡ଼ିଓ ଫକୀର ଚରଣ ପରିଡ଼ା, ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ଉପସ୍ଥିତରେ ଗ୍ରାମର ପ୍ରାୟ ୪୫ ରୁ ଉର୍ଦ୍ଧ ସବର୍ଣ୍ଣ ଅସବର୍ଣ୍ଣଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗତ ୨୪ବର୍ଷ ଧରି ଘଟିଥିବା ସମସ୍ତ ବିଷୟ ଉପରେ ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଥିବା ଏକ ଅଭିଯୋଗ ପତ୍ର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ପୁଣି ଆସନ୍ତା ମାସରେ ଏକ ବୈଠକ ଗ୍ରାମରେ କରିବାକୁ ସ୍ଥିର କରାଯାଇଛି ।

## ଅନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗଙ୍କୁ ଗିରଫ କଲା ସମ୍ବଲପୁର ପୋଲିସ

**ସମ୍ବଲପୁର,(ମହାଭାରତ) :** ସମ୍ବଲପୁର ପୋଲିସ କୁ ବଡ଼ ସଫଳତା , ଆନ୍ତଃରାଜ୍ୟ ଡକାୟତି ଦଳକୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ଗତ ୧୬ ତାରିଖ ବୁର୍ଲା ଥାନା ଅନ୍ତର୍ଗତ ବାବୁବନ୍ଧ ଠାରେ ହୋଇଥିବା ରାଇସ ମିଲ ଡକାୟତି ଘାଟଣାରେ ସମ୍ବଲପୁର ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲା ଏହି ଡକାୟତି ମାନଙ୍କୁ ଧରିବା ପାଇଁ । ତେବେ ଏହି ଡକାୟତ ମାନେ ପୂର୍ବରୁ ସମ୍ବଲପୁର ଜ଼ିଲ୍ଲାରେ ୧୪ ଟି ଡକାୟତ କରି ସାରିଥିଲେ । ପୋଲିସର ସ୍ୱତନ୍ତ୍ର ଟିମ ଏହି ଡକାୟତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲେ । ତେବେ ପୋଲିସ ସମ୍ବଲପୁରର ବିଭିନ୍ନ ରାଇସମିଲ ରେ ହୋଇଥିବା ଡକାୟତି ମାନଙ୍କୁ ଷ୍ଟଡି କରି, ବିଭିନ୍ନ ସିସିଟିଭି ଯାଞ୍ଚ କରିଥିଲେ । ଏହାପରେ ଏହି ଡକାୟତ ମାନେ ଆଉ ଏକ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ମୁଣ୍ଡଘଟ ନିକଟରେ ମାଡି ବସିଲା। ଏହି ଡକାୟତି ଘଟଣାରେ ୧୦ ଜଣ ଡକାୟତ ଗିରଫ ହୋଇଥିବା ବେଳେ, ୪୮୦ ଗ୍ରାମ ସୁନା, ୧୬୫ ଗ୍ରାମ ରୁପା ଅଳଙ୍କାର, ୫ ଲକ୍ଷ୍ୟ ୧୨ ହଜାର ଟଙ୍କା, ୧୧ ମୋବାଇଲ , ୫ ବାଇକ୍ ଜବତ, ଦୁଇ ବୋଲେରୋ ଓ ଗୋଟିଏ ଟ୍ରାକ୍ଟର ଜବତ କରିଛି ବୁର୍ଲା ପୋଲିସ। ଏହା ପୂର୍ବରୁ ବରଗଡ଼, ବଲାଙ୍ଗୀର, ଝାରସୁଗୁଡା ଓ ସୁନ୍ଦରଗଡ଼ ଜ଼ିଲ୍ଲା ରେ ମଧ୍ୟ ଏମାନେ ଅପରାଧ କରିଥିବା ପୋଲିସ କହିଛି ।

## ବାଇକ ଡିକି ଭାଙ୍ଗି ସୁନା ଅଳଙ୍କାର ଲୁଟିନେଲେ ଦୃର୍ବୃତ୍ତ

**ବାଲେଶ୍ୱର,(ମହାଭାରତ) :** ଜୁଏଲାରୀ ମାଲିକ ନିକଟରୁ ବାଇକ ଡ଼ିକି ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଲେ ଦୃର୍ବୃତ୍ତ ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳ ରେ । ଜଣାଯାଏ ସିମୁଳିଆ ଥାନା ଜାମୁଝଡ଼ି ବଜାର ର କରୁଣାକର ସାହୁ ନିଜର ଜୟନ୍ତୀ ଜୁଏଲାରି ନାମକ ଏକ ଗହଣା ଦୋକାନ କରିଥିଲେ । ସବୁଦିନ ପରି ଗତକାଲି ରାତିରେ ନିଜର ଦୋକାନ ବନ୍ଦ କରି ଘରକୁ ଯିବା ସମୟରେ ୬ କେଜିର ରୁପା ଓ ୩୩ଗ୍ରାମ ର ସୁନା କୁ ଏକ ବ୍ୟାଗ ପୁରାଇ ନିଜର ବାଇକ ଡ଼ିକି ରେ ରଖିଥିଲେ । ସେଇ ସମୟରେ ଦୁଇଟି ବାଇକରେ ୪ ଜଣ ଦୃର୍ବୃତ୍ତଆସି ମାଲିକ କରୁଣାକର କୁ ସିମୁଳିଆ ଥାନାର ଠିକଣା ପଚାରିବା ସମୟରେ ଅନ୍ୟ ଜଣେ ଦୃର୍ବୃତ୍ତ ଜୋଜବରଦସ୍ତି କରୁଣାକରଙ୍କର ଡ଼ିକି ଭାଙ୍ଗି ଅଳଙ୍କାର ବ୍ୟାଗ କୁ ନେଇ ସାଙ୍ଗେ ସାଙ୍ଗେ ଫେରାର ହୋଇଯାଇ ଥିଲେ । ସିମୁଳିଆ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । କିଛିଦିନ ଧରି ସୋର, ସିମୁଳିଆ ଖଇରା ଔପଦା ଅଞ୍ଚଳ ଚୋରି ଡକାୟତ ବଢୁଥିବାରୁ ଲୋକ ମାନେ ଭୟଭିତ ଥିବା ନେଇ ଦେଖିବାକୁ ମିଳିଛି ।

## ବେକରେ ରସି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଆସିକା,(ମହାଭାରତ) :** ଆସିକା କୋଟିନଡ଼ା ଥାନା ଅଧୀନ ହରିଡ଼ାପଦର ପଞ୍ଚାୟତ ମଣ୍ଡାପଡା ଗ୍ରାମର ନୂଆଁ ସାହି ରେ ଗତକାଲି ଘରେ ଶିବ ପ୍ରଧାନ (୪୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ପ୍ରକାଶ ଥାଉକି ଶିବ ର ଝିଅ ଗତକାଲି କଲେଜରୁ ସନ୍ଧ୍ୟା ରେ ଫେରି ଘରେ ପହଂଚି ବାପା ବେକରେ ରସି ଲଗାଇ ମୁର୍ମୁଷୁ ଅବସ୍ଥାରେ ଅଚେତ ହୋଇପଡ଼ିଥିବାର ଦେଖି ସଂଗେ ସଂଗେ ବିଲକୁ କାମ କରିବାକୁ ଯାଇଥିବା ମା ମିନତୀ କୁ ଖବର ଦେଇଥିଲା ଖବର ପାଇ ଶିବର ସ୍ତ୍ରୀ ଘରେ ପହଞ୍ଚି ପଡୋଶୀଙ୍କ ସହାୟତାରେ ଶିବକୁ ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ କାର୍ଯ୍ୟରତ ଡାକ୍ତର ଶିବର ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ସ୍ତ୍ରୀ ମିନତୀ ପ୍ରଧାନ କୋଟିନଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା ଅଭିଯୋଗ କୁ ଭିତ୍ତି କରି ପୋଲିସ କେସ ନମ୍ବର ୦୫/୨୪ ରେ ଏକ ଅପମୃତ୍ୟ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆସିକା ମେଡିକାଲ ରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକ ଙ୍କୁ ହସ୍ତାନ୍ତର କରାଯାଇଛି ।

# କେସିଙ୍ଗା ସହର ଟ୍ରାଫିକ ସମସ୍ୟାକୁ ନେଇ ବୈଠକ



**କେସିଙ୍ଗା,(ମହାଭାରତ) :** କେସିଙ୍ଗା ଥାନା ଏସଡିପିଙ୍କ କାର୍ଯ୍ୟାଳୟରେ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଏସଡିପିଓ, ଆଇଆଇସି, ଜାତୀୟ ରାଜପଥ ଅଧିକାରୀ, ଏନ ଏ ସି ନିର୍ବାହୀ ଅଧିକାରୀ, ସାମ୍ବାଦିକ ବୃନ୍ଦ, ଚାମ୍ବର ଅଫ୍ କମର୍ସ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏସଡିପି ବିନୋଦ କୁମାର ପାଟିଲ, ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ଏନ ଏ ସି ନିର୍ବାହୀ ଅଧିକାରୀ ପ୍ରବଣ କୁମାର ଚାନ୍ଦ, ଜାତୀୟ ରାଜପଥ କେସିଙ୍ଗା ଡିଭିଜନର ଏସଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସମେତ ଚାମ୍ବର ଅଫ୍ କମର୍ସର ଅନିଲ ଜୈନ, ପୂର୍ବତନ ନଗରପାଳ ରାମ କୁମାର ଜୈନ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ କେସିଙ୍ଗା ସହରରେ ଦେଖା ଦେଇଥିବା ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟାର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଶେଷରେ ଆଇଆଇସି ଶ୍ରୀ ମହାପାତ୍ରଙ୍କ ପ୍ରସ୍ତାବ ଅନୁସାରେ ରାସ୍ତା କଡ଼ରେ ବସୁଥିବା ପରିବା ଦୋକାନୀମାନଙ୍କୁ ପ୍ରଥମେ ଟୋକନ ଦେଇ ଚିହ୍ନଟ କରିବା ସହ ସେମାନଙ୍କୁ ପୂର୍ବେ ବଣ୍ଟନ କରାଯାଇଥିବା ପିଣ୍ଡିକୁ ପର୍ଯ୍ୟାୟକ୍ରମେ ପୁନଃ ଫେରାଇ ଆଣିବା, ସମସ୍ତ ଫଳ ଦୋକାନୀମାନଙ୍କୁ ଗୋଟିଏ ସ୍ଥାନରେ ଥଇଥାନ କରିବା, ଛୋଟ ଛୋଟ ପରିବହନ ଗାଡିଗୁଡିକୁ ଅମ୍ବାଜୀ ମନ୍ଦିର ନିକଟକୁ ସ୍ଥାନାନ୍ତରିତ କରିବା ଏବଂ ଜାତୀୟ ରାଜପଥ ଅଧିକାରୀ ଅମାଠ ଠାରୁ ଜୋଲକୋ ପର୍ଯ୍ୟନ୍ତ ଟର୍ଣ୍ଣିଂ ପଏଣ୍ଟରେ ଥିବା ଗଛଗୁଡ଼ିକ କାଟିବା ଏବଂ ସହର ମଧ୍ୟରେ ଜାତୀୟ ରାଜପଥ କଡ଼ରେ ପାଦଚଲା ରାସ୍ତା ପାଇଁ ପିଣ୍ଡି ଭଳି ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଛୋଟ ଛୋଟ ପିଲାମାନେ ଯଦି ବାଇକ୍ କିମ୍ବା ସ୍କୁଟି ଚଳାନ୍ତି ସେମାନଙ୍କ ଗାଡି ଜବତ କରାଯାଇ ତାଙ୍କର ଅବିଭାବକ ମନଙ୍କ ଉପରେ ବିହୀତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜରିମାନା ଆଦାୟ କରାଯିବ ଓ ଯେଉଁମାନେ ରାସ୍ତା ଉପରେ ଗାଡି ରଖିବେ, ନିର୍ଦ୍ଧାରିତ ବେଗ ଠାରୁ ଅତି ଦ୍ରୁତ ଗତିରେ ଦୁଇ ଚକିଆ ଗାଡି ଚଳାଚଳ କରିବେ ସେମାନଙ୍କ ନିକଟରୁ ଜରିମାନା ମଧ୍ୟ ଆଦାୟ କରାଯିବ ଏବଂ ଜଗନ୍ନାଥ ମନ୍ଦିର ନିକଟସ୍ଥ ତ୍ରିମୂର୍ତ୍ତୀ ଛକରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୨ ଜଣ ହୋମଗାର୍ଡ ଜଗିବେ ବୋଲି ଆଇଆଇସି ଶ୍ରୀ ମହାପାତ୍ର କହିଥିଲେ।

# ପାରାଦୀପ ବନ୍ଦର ଦ୍ୱାରା ଜାହାଜରୁ ଜାହାଜକୁ ତୈଳ ପରିବହନ



**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦର ଦ୍ୱାରା ପ୍ରଥମ ଥର ପାଇଁ ବନ୍ଦର ପୋତାଶ୍ରୟ ମଧ୍ୟରେ ଜାହାଜରୁ ଜାହାଜକୁ ସ୍ୱତନ୍ତ୍ରମାନର ଡିଜେଲ ପରିବହନ ସଫଳତାର ସହିତ ବୋଝେଇ କରାଯାଇଛି । ଯାହାକି ବନ୍ଦର ଇତିହାସରେ ପ୍ରଥମ ଥର ଏହି ସଫଳତା ହାସଲ କରିଛି । ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ନର୍ଥ ଅଏଲ୍ ଜେଟି ନିକଟରେ ଏମଭି ଓରକିମ୍ ଫରଟିଚ୍ୟୁଡ୍ ଜାହାଜରୁ ଅନ୍ୟ ଏକ ତୈଳବାହୀ ଜାହାଜ ଏମଭି ଟର୍ମ ରିପବ୍ଲିକାନ୍‌ରେ ବୋଝେଇ କରାଯାଇଛି। ଏହା ଦ୍ୱାରା କମ୍ ସମୟ ମଧ୍ୟରେ ଜାହାଜରୁ ଜାହାଜକୁ ପଣ୍ୟ ପରିବହନ କରିବା ଦ୍ୱାରା ଜାହାଜ ବର୍ଥିଙ୍ଗ ଖର୍ଚ୍ଚକୁ କମ୍ କରାଯାଇ ପାରିଛି। ଏହି ସଫଳତା ପରେ ଅଭିଯାନରେ ସାମିଲ ହୋଇଥିବା ସମସ୍ତ ଅଧିକାରୀ,କର୍ମଚାରୀଙ୍କୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ, ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଅଭିନନ୍ଦନ ଜଣାଇଛନ୍ତି । ଜାହାଜରୁ ଜାହାଜକୁ ପଣ୍ୟ ପରିବହନ ଏକ କଷ୍ଟକର କାର୍ଯ୍ୟ ହୋଇଥିବା ବେଳେ ବନ୍ଦର ଅଧିକାରୀ,କର୍ମଚାରୀ ସଫଳତାର ସହିତ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି ।

# ଟେଲେଣ୍ଟ ଆୱାର୍ଡ ପାଇଁ ସାମ୍ବାଦିକ ସମ୍ମିଳନୀ



**ରାୟଗଡା ,(ମହାଭାରତ) :** ରାୟଗଡା ସହରର ସାଇପ୍ରିୟା ନଗର ସ୍ଥିତ ଦ୍ୱିତୀୟ ଗଳିରେ ଥିବା ମିନି ପାର୍କ ପରିସରରେ ରାୟଗଡା ଟେଲେଣ୍ଟ ଆୱାର୍ଡ ୨୦୨୪ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଜିଲ୍ଲାର ଲୁକାୟତ ପ୍ରତିଭାଙ୍କୁ ଲୋକଲୋଚନ କରିବା ସହ ଦୀର୍ଘ ଦିନ ଧରି କଳା କ୍ଷେତ୍ରରେ କାର୍ଯ୍ୟରତ କଳାକାରଙ୍କୁ ଉତ୍ସାହିତ କରିବା ଏବଂ ଆଞ୍ଚଳିକ ଭାଷା କଳା ସଂସ୍କୃତି ର ପ୍ରଚାର ପ୍ରସାର ପାଇଁ ମା ମଝିଘରିଆଣି ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ପ୍ରଥମ ଥର ଆସନ୍ତା ଅଗଷ୍ଟ ମାସ ଚାରି ତାରିଖରେ ରାୟଗଡା ସ୍ଥିତ ବିଜୁ ପଟନାୟକ ଅଡିଟୋରିଅମ ଠାରେ ସନ୍ଧ୍ୟା ୫ଟା ସମୟରେ ପ୍ରଥମ ଥର ରାୟଗଡା ଟେଲେଣ୍ଟ ଆୱାର୍ଡ ୨୦୨୪ ଅନୁଷ୍ଠିତ ହେବାକୁ ଯାଉଅଛି ଯେଉଁଥିରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସମେତ ବରିଷ୍ଠ ବର୍ଷିଆନ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯିବ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସିନେମା, ଟେଲିଭିଜନ, ଆଲବମ ଗୀତ, ଆଞ୍ଚଳିକ ଭାଷା କଳା ସଂସ୍କୃତି କ୍ଷେତ୍ରରେ ସର୍ବୋତମ ନାୟକ , ନାୟିକା, ଖଳନାୟକ, ହାସ୍ୟ ଅଭିନେତା, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, ଲୋକକଳା କଳାକାର, କ୍ୟାମେରାମେନ, ସମ୍ପାଦକ ଭଳି ବିଭିନ୍ନ କ୍ଷେତ୍ରରେ ବିଜେତା କଳାକାରଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯିବ। ଏଥିପାଇଁ ଇଚ୍ଛୁକ କଳାକାର ମାନେ ଟ୍ରଷ୍ଟ ପକ୍ଷରୁ ଜାରି ହୋଇଥିବା ୱେବସାଇଟ କିମ୍ବା ଅନଲାଇନ ମାଧ୍ୟମରେ ନାମାଙ୍କନ କରିପାରିବେ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି। ଏହି ସାମ୍ବାଦିକ ସମ୍ମିଳନୀରେ ମା ମଝିଘରିଆଣି ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ଫାଉଣ୍ଡର ତଥା ମେନେଜିଙ୍ଗ ଟ୍ରଷ୍ଟି ସନ୍ତୋଷ କୁମାର ବଛା ସଦସ୍ୟ ପ୍ରିୟଦର୍ଶିନୀ ହୁଇକା, ପ୍ରିନ୍ସ ଗୁପ୍ତେ, ଇନ୍ଦୁ ପ୍ରିୟଦର୍ଶିନୀ ହୁଇକା, ସିଦ୍ଧାର୍ଥ ମଲ୍ଲିକ, ଗଣେଶ ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ।

# ନୂତନ ପ୍ରଧାନ ଆଚାର୍ଯ୍ୟଙ୍କୁ ସ୍ୱାଗତ



**ଦାନଗଦି ,(ମହାଭାରତ) :** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶଙ୍ଖଚିଲା ରେ ନୂତନ ପ୍ରଧାନଆଚାର୍ଯା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀମତୀ ରୀନାବାଳା ବେହେରାଙ୍କୁ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ରଘୁନାଥ ବେହେରା , ସମ୍ପାଦକ ଶ୍ରୀ ବିଦ୍ୟାଧର ସାହୁ ,କୋଷାଧକ୍ଷ ଶ୍ରୀଯୁକ୍ତ ଦେବାଶୀଷ ବେହେରା ସହ -ସମ୍ପାଦକ ଆର୍ଯ୍ୟବିଭାସ କୁମାର , ଆଚାର୍ଯ୍ୟ ପ୍ରତିନିଧି ଶ୍ରୀଯୁକ୍ତ ନାରାୟଣ ପାଣିଗ୍ରାହୀ ବରିଷ୍ଠ -ଆଚାର୍ଯା ସୁଶ୍ରୀ ଅନୁପମା ସାହୁ ସମୁହିକ ଭାବେ ଏକ ଭାବାବେଗ ପରିବେଶ ମଧ୍ୟରେ ବିଦ୍ୟାଳୟ ପରିସର ମଧ୍ୟରେ ପ୍ରଧାନ ଆଚାର୍ଯାଙ୍କୁ ଉପଢୌକନ ଓ ଫୁଲତୋଡ଼ା ପ୍ରଦାନ କରି ସମବେତ ଭାବରେ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ ଏବଂ ତାଙ୍କର ପ୍ରଗାଢ଼ ଉଦ୍ୟମ ଓ ନୂତନ ଚିନ୍ତାଧାରା ମାଧ୍ୟମରେ ଏ ବିଦ୍ୟାଳୟ ଏକ ଶ୍ରେଷ୍ଠ ବିଦ୍ୟାଳୟରେ ପରିଗଣିତ ହେଉ ଏହାହିଁ ସମସ୍ତେ କାମନା କରିଥିଲେ ..। ଉକ୍ତ ସ୍ୱାଗତ ସଭାରେ ବିଦ୍ୟାଳୟର ଅନ୍ୟାନ୍ୟ ଆଚାର୍ଯ୍ୟ ଓ ଆଚାର୍ଯା ଯଥା -ରଶ୍ମିରଞ୍ଜନ ପଣ୍ଡା, ସୁଶାନ୍ତି ପାଢ଼ୀ, ପ୍ରଗତି ମଞ୍ଜରୀ ସାହୁ , ଲୋପାମୁଦ୍ରା ପ୍ରିୟଦର୍ଶିନୀ , ସୋନାଲି ସାହୁ , ମମତା ଦାସ ପୁଷ୍ପଲତା ସାହୁ , ଅନିତା ସାହୁ , ମମତା ପାଣି, କେତକୀ ପୃଷ୍ଟି , ପ୍ରଶାନ୍ତ ପ୍ରହରାଜ , ଗୀତା ପଥାଳ, ସୁଲୋଚନା ପ୍ରଧାନ ସ୍ୱର୍ଣ୍ଣଲତା ସାହୁ , ରାକେଶ ନାୟକ , ପ୍ରଜ୍ଞା ସେଠି , ଲକି ପାଢ଼ୀ , ମହେଶ୍ୱର ସାହୁ , ବିଦ୍ୟାଧର ସାହୁ, ଗଣେଶ ବେହେରା , ପ୍ରତିମା ସାହୁ , ଦୀପ୍ତିମୟୀ ସାହୁ ଶୁଭଲକ୍ଷ୍ମୀ ସାହୁ , ସସ୍ମିତା ପଣ୍ଡା , ଉତ୍କଳିକା , ଅଶୋକ ସାହୁ,, ଶକୁନ୍ତଳା ବେହେରା , ଶାଶ୍ୱତୀ ଦଳେଇ ନନ୍ଦିନୀ ସାହୁ ସେବିକା ତିଳତ୍ତୋମା , ଓ ମଞ୍ଜୁଲତା ଇତ୍ୟାଦି ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀ କେନ୍ଦ୍ର ସମବାୟ ସମିତିର ନବମ ବାର୍ଷିକ ସଭା




**ଚିଲିକା,(ମହାଭାରତ) :** ବୁଧବାର ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ର ସମବାୟ ସମିତି ଲି ବାଲୁଗାଁର ନବମ ବାର୍ଷିକ ସାଧାରଣ ସଭା କେନ୍ଦ୍ର ସମିତିର ସଭାପତି ଶ୍ରୀ ଦେବେନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ବାଲୁଗାଁ ସ୍ଥିତ ଫିସଫେଡ ମତ୍ସ୍ୟ ଅବତରଣ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଯାଇଅଛି । ଉକ୍ତ ସଭାରେ ଚିଲିକା ମତ୍ସ୍ୟଜୀବୀ କେନ୍ଦ୍ର ସମବାୟ ସମିତିର ଉପସଭାପତି ଶ୍ରୀମତୀ ପୂର୍ଣ୍ଣମା ବେହେରା, ନିର୍ଦ୍ଦେଶକ ପରିଷଦ ମଣ୍ଡଳୀର ସମସ୍ତ ସଦସ୍ୟ/ ସଦସ୍ୟା ଙ୍କ ସମେତ କେନ୍ଦ୍ର ସମିତି ସହ ସହବନ୍ଧିତ ମୋଟ ୧୬୪ ଗୋଟି ପ୍ରାଥମିକ ସମୟବାୟ ସମିତିର ସଭାପତି ଓ ସମ୍ପାଦକ ଗଣ ଯୋଗଦାନ କରିଥିଲେ। ସହକାରୀ ମତ୍ସ୍ୟ ନିବନ୍ଧକ ବାଲୁଗାଁ ଶ୍ରୀ ଉଦୟକର ବେହେରା ସଭା ପରିଚାଳନା କରିବା ସହ ସଭା ଆରମ୍ଭରେ ପୂର୍ବ ସଭାର ବିବରଣୀ ପାଠ କରିଥିଲେ ଓ କେନ୍ଦ୍ର ସମିତିର ଆୟ ବ୍ୟୟ ଅଟକଳ ତଥ୍ୟ ଉପସ୍ଥାପନ କରିଥିଲେ। ଚିଲିକା ଚତୁଃପାର୍ଶ୍ୱରୁ ତଥା ପୁରୀ ଖୋର୍ଦ୍ଧା ଓ ଗଞ୍ଜାମରୁ ଯୋଗ ଦେଇଥିବା ବିଭିନ୍ନ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି ଓ ସମ୍ପାଦକ ମାନେ ନିଜ ନିଜ ବକ୍ତବ୍ୟ ରଖୁଥିଲେ ଓ ତାଙ୍କ ପରେ କେନ୍ଦ୍ର ସମିତିର ପରିଚାଳନା ପରିଷଦର ସଦସ୍ୟ । ସଦସ୍ୟା ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ଚିଲିକା ଓ ଚିଲିକାର ମତ୍ସ୍ୟଜୀବୀ ମାନଙ୍କର ବିବିଧ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ଓ ଏଗୁଡିକର ସମାଧାନ ପାଇଁ କେନ୍ଦ୍ର ସମିତି ମାଧ୍ୟମରେ ତଥା ଜିଲ୍ଲା ମତ୍ସ୍ୟ ଅଧିକାରୀ ବାଲୁଗାଁ ଓ ସହକାରୀ ନିବନ୍ଧକ ବାଲୁଗାଁଙ୍କ ଜରିଆରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଉକ୍ତ ସଭାରେ ଶ୍ରୀ ମନୋରଞ୍ଜନ ଦାସ, (ଜିଲ୍ଲା ମତ୍ସ୍ୟ ଅଧିକାରୀ ଜୀବ ଓ ପ୍ରଯୁକ୍ତି) ବାଲୁଗାଁ ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ନନ୍ଦପୁର ଶାଖା ପ୍ରବନ୍ଧକ ଶ୍ରୀ ବି କେ ପାଣ୍ଡାନ ଯୋଗ ଦେଇଥିଲେ। ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟର ସମବାୟ ନିରିକ୍ଷକ ଶ୍ରୀ ମୁନା ନାଏକ, ବରିଷ୍ଠ ସହାୟକ ଶ୍ରୀ ଅର୍ଜୁନ ମହାରଣା, ପିଅନ ଶ୍ରୀ ଭାନୁ ରେଡୀ ଏବଂ କେନ୍ଦ୍ର ସମିତିର ହିସାବ ରକ୍ଷକ ଶ୍ରୀ ଶଙ୍କର ପରିମାଣିକ, ଡାଟା ଏଣ୍ଟ୍ରି ଅପରେଟର ଶ୍ରୀ ଅରୁଣ କୁମାର ବେହେରା ଓ ପିଅନ ଶ୍ରୀ ଧୀରେନ୍ଦ୍ର ବେହେରା ସଭା କାର୍ଯ୍ୟ ପରିଚାଳନା ରେ ସମସ୍ତ ସହଯୋଗ କରିଥିଲେ।

# ଭିଜିଲାନ୍ସ ଜାଲରେ ସହ ଅଧୀକ୍ଷଣ ଯନ୍ତ୍ରୀ



**ପାଟଣାଗଡ଼ ,(ମହାଭାରତ) :** ଭିଜିଲାନ୍ସ ଜାଲରେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ସହ ଅଧିକ୍ଷଣ ଯନ୍ତ୍ରୀ ସୁଜିତ କୁମାର ପାଠୀ । ଆଜି ଅପରାହ୍ନରେ ଶ୍ରୀ ସୁଜିତ କୁମାର ପାଢ଼ୀ ଜଣେ ଠିକାଦାରଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡିଛି । ସରକାରୀ ନିର୍ମାଣ କାମରେ ଏକ ବକେୟା ବିଲ୍ ଫାଇନାଲ କରାଇ ଦେବା ପାଇଁ କହି ଠିକାଦାରଙ୍କ ଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗି ଥିଲେ ଶ୍ରୀ ସୁଜିତ କୁମାର ପାଢ଼ୀ । ପ୍ରଥମ କିସ୍ତି ଦେଲା ପରେ ଦ୍ୱିତୀୟ କିସ୍ତି ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ରୁ ପ୍ରସ୍ତୁତି ଥିଲା ଭିଜିଲାନ୍ସ ବିଭାଗ । ଠିକ୍ ସମୟରେ ମାଡି ବସିଲା । ବକେୟା ୫୦ ହଜାର ଟଙ୍କା ନ ଦେଲେ ବିଲ ଫାଇନାଲ ହେଉ ନ ଥିବା ଯୋଗୁଁ ଶେଷରେ ଅତିଷ୍ଟ ହୋଇ ଠିକାଦାର ଜଣକ ଭିଜିଲାନ୍ସ ବିଭାଗର ଆଶ୍ରୟ ନେଇଥିଲେ । ଆଜି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସୁଜିତ କୁମାର ପାଢ଼ୀ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରି ପ୍ରଥମେ ବରଗଡ଼ ପରେ ସୁବର୍ଣ୍ଣପୁର ନେଇ ଥିବା ବୋଲି ସୁଚନା ମିଳିଛି । ସମ୍ବଲପୁର ଭିଜିଲାନ୍ସ କେଶ ନମ୍ବର ୧୭/ ୨୩.୦୭,୨୦୨୪ ରେ ଅଧିକ୍ଷଣ ଯନ୍ତ୍ରୀଙ୍କ ନାମରେ ଏକ ମୁକଦ୍ଦମା ଦାୟର ହୋଇଛି ।

# ପ୍ୟାରିସ ଅଲମ୍ପିକ୍ସ : ଆଜିଠୁ ଭାରତୀୟ ଆଥଲେଟଙ୍କ ପାଇଁ ଅଗ୍ନିପରୀକ୍ଷା

ପ୍ୟାରିସ, ୨୪।୭: ଦିନକ ପରେ ବିଧିବଦ୍ଧ ଭାବେ ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବ। ଭାରତକୁ ପ୍ରତିନିଧି କରିବା ପାଇଁ ୧୧୭ ଜଣ ଆଥଲେଟ ଫ୍ରାନ୍ସ ଗସ୍ତ କରିଛନ୍ତି।ଗତଥର ଭାରତ ୭ଟି ପଦକ ଜିତିଥିଲା।ଏଥର ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ସମସ୍ତେ ଆଶା ରଖିଛନ୍ତି।

୨୬ରୁ ବିଧିବଦ୍ଧ ଭାବେ ଅଲିମ୍ପିକ୍ସ ଆରମ୍ଭ ହେଉଥିବା ବେଳେ ୨୫ରୁ ଭାରତୀୟ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ଆରମ୍ଭ ହେବ। ଜୁଲାଇ ୨୫ରେ ତୀରନ୍ଦାଜୀର ବ୍ୟକ୍ତିଗତ ରାଙ୍କିଙ୍ଗ ରାଉଣ୍ଡ ଲଢ଼େଇ ଆରମ୍ଭ ହେବ।

ଉଭୟ ପୁରୁଷ ଓ ମହିଳା ଏଥିରେ ଭାଗ ନେବେ। ବିଶ୍ୱର ବିଭିନ୍ନ ଷ୍ଟେଜରେ ଭାରତୀୟ ତୀରନ୍ଦାଜମାନେ ଭଲ ପ୍ରଦର୍ଶନ କରିଛନ୍ତ। କିନ୍ତୁ ଏଯାଏ ଦେଶକୁ ଏହି ଖେଳରେ ଅଲିମ୍ପିକ୍ସ ପଦକ ମିଳିନାହିଁ। ତେଣୁ ଏଥର ଭାଗ୍ୟ ବଦଳାଇବା ଲକ୍ଷ୍ୟ ରହିଛି।



## ତୀରନ୍ଦାଜୀ ପୁରୁଷ ଓ ମହିଳା ବ୍ୟକ୍ତିଗତ ର୍ୟାଙ୍କିଙ୍ଗ ରାଉଣ୍ଡ

## ୨୬ରେ ଉଦ୍‌ଘାଟନୀ ସମାରୋହ

**ଅଲିମ୍ପିକ୍ସରେ ଭାରତର ପ୍ରଥମ ଦୁଇ ଦିନର ସେଡ୍ୟୁଲ(ଭାରତୀୟ ସମୟ ସହ)**

**୨୫ ଜୁଲାଇ(ଗୁରୁବାର)**

ତୀରନ୍ଦାଜୀ- ମହିଳା ଇଣ୍ଡିଭିଜୁଆଲ ରାଙ୍କିଙ୍ଗ ରାଉଣ୍ଡ(ଦୀପିକା କୁମାରୀ, ଅଙ୍କିତା ଭାକତ ଓ ଭଜନ କୌର)- ସମୟ ଦିନ ୧ଟା। ତୀରନ୍ଦାଜୀ- ପୁରୁଷ ବ୍ୟକ୍ତିଗତ ରାଙ୍କିଙ୍ଗ ରାଉଣ୍ଡ(ବି ଧୀରଜ, ତରୁଣଦୀପ ରାୟ ଓ ପ୍ରବୀଣ ଯାବଦ) ସମୟ ସନ୍ଧ୍ୟା ୫.୪୫।

**୨୬ ଜୁଲାଇ(ଶୁକ୍ରବାର)**

ଉଦଘାଟନୀ ସମାରୋହ ଭାରତୀୟ ସମୟ ରାତି ୧୧.୩୦

**ଜୁଲାଇ ୨୭ (ଶନିବାର)**

ବ୍ୟାଡମିଣ୍ଟନ- ପୁରୁଷ ଏକକ(ଗ୍ରୁପ ପର୍ଯ୍ୟାୟ)- ଏଚଏସ ପ୍ରଣୟ, ଲକ୍ଷ୍ୟ ସେନ, ମହିଳା ଏକକ- ପିଭି ସିନ୍ଧୁ, ପୁରୁଷ ଡବଲ୍ସ- ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ, ମହିଳା ଡବଲ୍ସ- ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପ୍ପା ସମୟ ଦିନ ୧୨ଟାରୁ।

ରୋଇଂ ପୁରୁଷ ଏକକ ହିଟ୍ସ- ବଲରାଜ ପନାର- ଦିନ ୧୨ଟାରୁ

ଶୁଟିଂ- ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ(ଯୋଗ୍ୟତା ପର୍ଯ୍ୟାୟ) ସନ୍ଦୀପ ସିଂହ, ଅର୍ଜୁନ ବାବୁତା, ଇଲାଭେନିଲ ବଲାରିଭିନ, ରମିତା ଜିନ୍ଦଲ- ଦିନ ୧୨.୩୦ରୁ।

ଶୁଟିଂ- ୧୦ ମିଟର ଏୟାର ପିସ୍ତଲ ପୁରୁଷ (ଯୋଗ୍ୟତା ପର୍ଯ୍ୟାୟ)- ସରବଜିତ ସିଂହ ଓ ଅର୍ଜୁନ ଚୀମା- ଦିନ ୨ଟାରୁ।

ଶୁଟିଂ- ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ ମେଡାଲ ରାଉଣ୍ଡ(ଯୋଗ୍ୟତା ଉପରେ ନିର୍ଭର)- ଦିନ ୨ଟାରୁ।

ଟେନିସ- ପୁରୁଷ ଏକକ- ସୁମିତ ନାଗଲ, ପୁରୁଷ ଡବଲ୍ସ- ରୋହନ ବୋପାନ୍ନା ଓ ଏନ ଶ୍ରୀରାମ ବାଲାଜୀ- ଦିନ ୩.୩୦ରୁ।

ଶୁଟିଂ- ୧୦ମିଟର ମହିଳା ଏୟାର ପିସ୍ତଲ- ରିଦମ ସାଙ୍ଗାନ ଓ ମନୁ ଭାକର- ଅପରାହ୍ନ ୪ଟାରୁ।

ଟେବୁଲ ଟେନିସ- ପୁରୁଷ ଏକକ- ଶରତ କମଳ, ହରମିତ ଦେଶାଇ, ମହିଳା ଏକକ- ମନିକା ବାତ୍ରା, ଶ୍ରୀଜା ଅକୁଲା- ସନ୍ଧ୍ୟା ୬.୩୦ରୁ।ବକ୍ସିଂ- ମହିଳା ୫୪ କେଜି- ପ୍ରୀତି ପାର-ରାଉଣ୍ଡ ୩୨- ସନ୍ଧ୍ୟା ୭ଟା। ହକି- ପୁରୁଷ- ଭାରତ ବନାମ ନ୍ୟୁଜିଲ୍ୟାଣ୍ଡ- ରାତି ୯ଟା।

# ପାକିସ୍ତାନ ଯିବ ଆଫଗାନିସ୍ତାନ

**ନୂଆଦିଲ୍ଲୀ, ୨୪।୭(ଏଜେନ୍ସି):** ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜକ ଦେଶ ହେଉଛି ପାକିସ୍ତାନ ଏହି ଟୁର୍ନାମେଣ୍ଟର ତାରିଖ ଘୋଷଣା କରାଯାଇଛି କିନ୍ତୁ ବିସିସିଆଇ କହିଛି ଯେ, ପାକିସ୍ତାନରେ ସୁରକ୍ଷା ଚିନ୍ତା ଯୋଗୁ ଭାରତୀୟ ଦଳ ଆଇସିସି ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଯିବ ନାହିଁ। ଏଥିସହ ବିସିସିଆଇ ହାଇବ୍ରିଡ ମଡେଲକୁ ଆଇସିସି ଏବଂ ପାକିସ୍ତାନ କ୍ରିକେଟ ବୋର୍ଡକୁ ପରାମର୍ଶ ଦେଇଛି। ଏହି ମଡେଲ ଅଧୀନରେ ଭାରତୀୟ ଦଳ ଏକ ନିରପେକ୍ଷ ସ୍ଥାନରେ ଏହାର ମ୍ୟାଚ ଖେଳିବ, କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ ଏହାର ଜିଦ୍‌ରେ ଅଟଳ ରହିଛି।

ଆଇସିସି ଚାମ୍ପିଅନ୍ସ ଟ୍ରଫି ସହ ଜଡିତ ଆଉ ଏକ ବଡ ଖବର ସାମ୍ନାକୁ ଆସିଛି। ଏହି ଖବର ବିସିସିଆଇକୁ ଚକିତ କରିପାରେ। ମିଡିଆ ରିପୋର୍ଟ ଅନୁଯାୟୀ, ଆଇସିସି ଚାମ୍ପିଅନ୍ସ ଟ୍ରଫି ପାଇଁ ଆଫଗାନିସ୍ତାନ ପାକିସ୍ତାନ ଯିବାକୁ ପ୍ରସ୍ତୁତ। ଆଫଗାନିସ୍ତାନ କ୍ରିକେଟର ଉନ୍ନତି ପାଇଁ ବିସିସିଆଇ କ୍ରମାଗତ ଭାବରେ କାର୍ଯ୍ୟ କରୁଛି। ଆଫଗାନିସ୍ତାନ କ୍ରିକେଟ ସଫଳତା ପାଇଁ ଭାରତ ଏବଂ ବିସିସିଆଇର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ବିବେଚନା କରାଯାଏ।

ବିସିସିଆଇ ଆଫଗାନିସ୍ତାନ କ୍ରିକେଟକୁ ଆର୍ଥିକ ଦୃଷ୍ଟିରୁ ସାହାଯ୍ୟ କରୁଛି ଆଫଗାନିସ୍ତାନରେ କ୍ରିକେଟର ଉନ୍ନତି ବ୍ୟତୀତ ଶାନ୍ତି ବଜାୟ ରଖିବା ପାଇଁ ଭାରତ କ୍ରମାଗତ ଭାବରେ ଏକ ଗୁରୁପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏହି ସବୁ କାରଣରୁ ବିସିସିଆଇ ଏବଂ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ସମ୍ପର୍କ ଭଲ ରହିଛି, କିନ୍ତୁ ବର୍ତ୍ତମାନ ଆଇସିସି ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯାଉଥିବା ଆଫଗାନିସ୍ତାନ ଦଳ ବିସିସିଆଇ ପାଇଁ ଏକ ପ୍ରତିବନ୍ଧକ ଭାବରେ ଦେଖାଯାଉଛି।

# ଟେଷ୍ଟ ମ୍ୟାଚ୍‌ର ଗୋଟିଏ ଦିନରେ ୬୦୦ ରନ୍ କରିବୁ

ନୂଆଦିଲ୍ଲୀ, ୨୪।୭: ଇଂଲଣ୍ଡ ଟିମ୍ ଟେଷ୍ଟ କ୍ରିକେଟରେ ଗୋଟିଏ ଦିନରେ ୬୦୦ ରନ୍ କରିପାରେ। ଏଭଳି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଦଳର ବ୍ୟାଟ୍ସମ୍ୟାନ୍ ଓଲି ପୋପ୍ ତେବେ ପୂର୍ବରୁ ଟେଷ୍ଟ କ୍ରିକେଟରେ ଦିନକରେ ସର୍ବାଧିକ ରନ୍‌ର ରେକର୍ଡ ଦଳ ନାମରେ ରହିଛି ଇଂଲଣ୍ଡ ୧୯୩୬ରେ ଭାରତ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ୬ ଉଇକେଟରେ ୫୮୮ ରନ୍ କରିଥିଲେ। ପୋପ୍ କହିଛନ୍ତି ଯେ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଟିମ୍ ଏହି ରେକର୍ଡ ଭାଙ୍ଗି ପାରିବେ। ବିବିସି ସ୍ପୋର୍ଟକୁ ପେପ୍ କହିଛନ୍ତି, ଆମେ କେବେ କେବେ ଦିନକରେ ୨୮୦ ନଚେତ ୩୦୦ ରନ୍ କରିପାରୁ କାରଣ ଆମେ ପରିସ୍ଥିତିକୁ ଭଲ ଭାବେ ବୁଝୁ ଏମିତି ବି ହୋଇପାରେ। ଭବିଷ୍ୟତରେ ଆମେ ଯେବେ ୫୦୦ରୁ ୬୦୦ ରନ୍ କରିବୁ, ଭଲ ରେକର୍ଡ ହେବ। ଇଂଲଣ୍ଡ ୨୦୨୨ ଡିସେମ୍ବରରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ୫୦୬ ରନ୍ କରିଥିଲେ।

# ଆଇସିସି ଟେଷ୍ଟ ରାଙ୍କିଙ୍ଗ୍, ତଳକୁ ଖସିଲେ ରୋହିତ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପରେ ଆଇସିସି ପକ୍ଷରୁ ଟେଷ୍ଟ ମାନ୍ୟତା ଜାରି କରାଯାଇଛି। ଇଂଲଣ୍ଡର ପୂର୍ବତନ କ୍ୟାପ୍ଟେନ୍ ଜୋ ରୁଟ୍ ଏକ ନମ୍ବର ସ୍ଥାନରେ ରହିପାରନ୍ତି ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା। କିନ୍ତୁ ସେ ସାମାନ୍ୟ କିଛି ପଏଣ୍ଟ ଅନ୍ତରରୁ ଏହି ସ୍ଥାନ ପାଇ ପାରିନାହାନ୍ତି। ହେଲେ ଇଂଲଣ୍ଡର ହେରି ବ୍ରୁକ ରାଙ୍କିଙ୍ଗରେ ଉପରକୁ ଉଠିବାରୁ ରୋହିତ ତଳକୁ ଖସିଛନ୍ତି। ଏହାପରେ ବି ଭାରତୀୟ ଟିମ୍‌ର ତ ଖେଳାଳି ୧୦ ଜଣଙ୍କ ମଧ୍ୟରେ ରହିଛନ୍ତି। ଆଇସିସି ଟେଷ୍ଟ ମାନ୍ୟତାରେ ନ୍ୟୁଜିଲ୍ୟାଣ୍ଡର କେନ୍ ୱିଲିୟମସନ ଏବେ ମଧ୍ୟ ଏକ ନମ୍ବର ବ୍ୟାଟ୍ସମ୍ୟାନ ରହିଛନ୍ତି। ବର୍ତ୍ତମାନ ତାଙ୍କର ରେଟିଙ୍ଗ୍ ୮୫୯ ରହିଛି। ଇଂଲଣ୍ଡର ଜୋ ରୁଟ ତାଙ୍କ ସହ ଅତି ନିକଟତର ହୋଇଛନ୍ତି। ଏଥର ମଧ୍ୟ ଜୋ ରୁଟ ଦ୍ୱିତୀୟ ସ୍ଥାନରେ ଅଛନ୍ତି, କିନ୍ତୁ ତାଙ୍କର ରେଟିଂ ବୃଦ୍ଧି ପାଇଛି ଏହା ପରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ସ ସିଧା ତିନି ନମ୍ବରକୁ ଡେଇଁଛନ୍ତି ତାଙ୍କୁ ଚାରିଟି ସ୍ଥାନ ଡେଇଁଛନ୍ତି। ବର୍ତ୍ତମାନ ତାଙ୍କର ରେଟିଙ୍ଗ୍ ୭୭୧ କୁ ବୃଦ୍ଧି ପାଇଛି। ଭାରତର ଯଶସ୍ୱୀ ଜୈସ୍ୱାଲ ରେଟିଂ ୭୪୦ସହ ୮ ନମ୍ବର ସ୍ଥାନରେ ଅଛନ୍ତି ଶ୍ରୀଲଙ୍କାର ଦାମୁଥ କରୁଣାରତ୍ନେ ୭୩୯ ରେଟିଂ ସହିତ ୯ ନମ୍ବରରେ ରହିଛନ୍ତି ଶ୍ରେଷ୍ଠ ୧୦ରେ ଭାରତର ବିରାଟ କୋହଲି ଶେଷ ସ୍ଥାନରେ ଅଛନ୍ତି ତାଙ୍କର ରେଟିଂ ଏପର୍ଯ୍ୟନ୍ତ ୭୩୭ ରହିଛି ।

# ବିସିସିଆଇ କଥା ମାନିବ ଆଇସିସି !

ନୂଆଦିଲ୍ଲୀ, ୨୪।୭: ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ଚାଲିଥିବା ବିବାଦରେ ନୂଆ। ଖବର ସାମ୍ନାକୁ ଆସିଛି। ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ଆୟୋଜନର ଅଧିକାର ପାଇଥିବା ବେଳେ ଏବେ ଭାରତୀୟ ଟିମର ଅଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି।ନିକଟରେ ଶ୍ରୀଲଙ୍କାର କଲମ୍ବୋରେ ଆଇସିସିର ବାର୍ଷିକ ସମ୍ମିଳନୀ ବସିଥିଲା। ଏହି ବୈଠକରେ ଚାମ୍ପିୟନ୍ସ ଟ୍ରଫିକୁ ନେଇ କିଛି ଆଲୋଚନା ହୋଇଛି।

ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏବେ ସବୁ କିଛି ଆଇସିସି ଉପରେ ଛାଡ଼ି ଦେଇଛି।ଆଇସିସି ପକ୍ଷରୁ ବିସିସିଆଇକୁ ବୁଝାସୁଝା କରି ପାକିସ୍ତାନକୁ ଭାରତୀୟ ଟିମ ପଠାଉ ବୋଲି ପିସିବି ଚାହୁଁଛି।କିନ୍ତୁ ଆଇସିସି ଅଲଗା ମୁଡରେ ରହିଛି। ବିସିସିଆଇ କଥା ମାନିବା ସପକ୍ଷରେ ଆଇସିସି ରହିଥିବା ଜଣାପଡ଼ିଛି। ଏଥିସହ ଏସିଆ



କପ ଭଳି ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଆଇସିସି ହାଇବ୍ରିଡ ମଡେଲ ଆପଣାଇ ପାରେ। ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଅତିରିକ୍ତ ବଜେଟର ବ୍ୟବସ୍ଥା କରିଛି। ଯଦି ବିସିସିଆଇ ତାର ଟିମକୁ ପାକିସ୍ତାନକୁ ପଠାଇବ ନାହିଁ, ତାହେଲେ ଆଇସିସି ହାଇବ୍ରିଡ ମଡେଲରେ ଭାରତର ମ୍ୟାଚ୍ ଗୁଡ଼ିକ ୟୁଏଇ କିମ୍ବା ଶ୍ରୀଲଙ୍କାରେ ଆୟୋଜନ କରିବ। ଏଥିପାଇଁ ଅତିରିକ୍ତ ବଜେଟର ବ୍ୟବସ୍ଥା ହୋଇଥିବା କୁହାଯାଉଛି। ପିସିବି ସୂତ୍ର ଅନୁସାରେ, କଲମ୍ବୋରେ ହୋଇଥିବା ଆଇସିସି ବୈଠକରେ ଚାମ୍ପିୟନ୍ସ ଟ୍ରଫି ବଜେଟକୁ ଅନୁମୋଦନ ମିଳିଛି। ହେଲେ ପିସିବି ଦେଇଥିବା ପ୍ରାରମ୍ଭିକ ସେଡ୍ୟୁଲ କିମ୍ବା ଫର୍ମାଟ ଉପରେ ଆଦୌ ଆଲୋଚନା ହୋଇନାହିଁ। ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପାଇଁ ଆବଶ୍ୟକ ପଦକ୍ଷେପ ଏବେ ପାକିସ୍ତାନ ଆପଣାଇବ ପିସିବି ପକ୍ଷରୁ ଟୁର୍ଣ୍ଣାମେଣ୍ଟର ଫର୍ମାଟ ଓ ସେଡ୍ୟୁଲ ସହ ବଜେଟ ଆଇସିସି ନିକଟରେ ଦାଖଲ କରାଯାଇ ସାରିଛି। ଏବେ ଆଇସିସି ବିଭିନ୍ନ ସଦସ୍ୟ ବୋର୍ଡ ସହ ଏହା ଉପରେ ଆଲୋଚନା କରିବ ଓ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ପିସିବି ପ୍ରସ୍ତୁତ କରିଥିବା ଡ୍ରାଫ୍ଟ ଅନୁସାରେ ଭାରତର ସବୁ ମ୍ୟାଚ୍ ଲାହୋରରେ ଅନୁଷ୍ଠିତ ହେବ। ଭାରତ ଯଦି ସେମି ଓ ଫାଇନାଲ ଖେଳିବ, ସେହି ମ୍ୟାଚ ମଧ୍ୟ ଲାହୋରରେ ହିଁ ଖେଳାଯିବ ବୋଲି ଏହି ସୂତ୍ରରେ କୁହାଯାଇଛି।

# ସାରା ଜୀବନର ସାଥୀ ହେବେ ଦୁଇ ମହିଳା କ୍ରିକେଟର୍

## ସରିଲା ନିର୍ବନ୍ଧ

ଲଣ୍ଡନ, ୨୪।୭(ଏଜେନ୍ସି): ଇଂଲଣ୍ଡର ଉଇକେଟ କିପର-ବ୍ୟାଟ୍ସମ୍ୟାନ ଆମି ଜୋନ୍ସ ଏବଂ ଅଷ୍ଟ୍ରେଲୀୟ ବୋଲର ପିପ୍ପା କ୍ଲିରିଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି। ଦୁହେଁ ଦୀର୍ଘ ଦିନ ଧରି ପରସ୍ପରକୁ ଭଲ ପାଉଥିଲେ ଏବଂ ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। ବର୍ତ୍ତମାନ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। କ୍ଲିରି ଏବଂ ଜୋନ୍ସ ହେଉଛନ୍ତି ମହିଳା କ୍ରିକେଟର। ଉଭୟେ ସୋସିଆଲ ମିଡିଆ ମାଧ୍ୟମରେ ସେମାନଙ୍କ ନିର୍ବନ୍ଧ ବିଷୟରେ ପ୍ରଶଂସକମାନଙ୍କୁ ଅବଗତ କରାଇଛନ୍ତି।

ମହିଳା ବିଗ ବ୍ୟାସ ଲିଗ ସମୟରେ କ୍ଲାରି ଏବଂ ଆମି ପ୍ରଥମେ ସାକ୍ଷାତ ହୋଇଥିଲେ। ଦୁହେଁ ପର୍ଥ ସ୍କୋରର୍ସ ପାଇଁ ଖେଳୁଥିଲେ। ଏହା ପରେ ଦୁହେଁ ବନ୍ଧୁ ହେଲେ। ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହେଲା ଏବଂ ବର୍ତ୍ତମାନ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।



ଆମି ଏବଂ କ୍ଲାରି ଏକ ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ପ୍ରଶଂସକମାନେ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି।

ଜୋନ୍ସ ୨୦୧୯ରେ ଇଂଲଣ୍ଡ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ। ଏହା ପରେ ସେ ଦିନିକିଆ ଏବଂ ଟେଷ୍ଟ ଦଳର ଏକ ଅଂଶ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୬ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ୧୧୬ ରନ ସ୍କୋର କରାଯାଇଛି। ସେ ୯୧ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ୧୯୫୧ ରନ ସ୍କୋର କରାଯାଇଛି।ସେ ୧୦୭ ଟି ଟି-୨୦ ମ୍ୟାଚ ମଧ୍ୟ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ୧୫୧୫ ରନ ସ୍କୋର କରାଯାଇଛି। ଆମି ୨୦୧୩ରେ ଦିନିକିଆ ଡେବ୍ୟୁ କରିଥିଲେ।

# ବାଗେଶ୍ୱର ଧାମ ସରକାରଙ୍କ ଆଶୀର୍ବାଦ ନେଲେ କୁଲଦୀପ

ନୂଆଦିଲ୍ଲୀ, ୨୩।୭: ଭାରତୀୟ ଟି୨୦ ଟିମ୍ ଶ୍ରୀଲଙ୍କାରେ ପହଞ୍ଚି ସାରିଛି। ସେହିଭଳି କିଛି ଖେଳାଳି ଦିନିକିଆରେ ଚୟନ ହୋଇଥିବାରୁ ସେମାନେ ଖୁବ୍‌ଶୀଘ୍ର ପହଞ୍ଚିବେ ଉକ୍ତ ଖେଳାଳିଙ୍କ ମଧ୍ୟରୁ ଜଣେ ହେଲେ କୁଲଦୀପ ଯାଦବ, ଯିଏକି ଶ୍ରୀଲଙ୍କା ଗସ୍ତରେ ଯିବା ପୂର୍ବରୁ ନିଜ ଗୁରୁଙ୍କୁ ପ୍ରଣାମ କରିଛନ୍ତି ଗୁରୁ ପୂର୍ଣ୍ଣିମା ଅବସରରେ ବାଗେଶ୍ୱର ଧାମ ସରକାରଙ୍କ ଆଶ୍ରମରେ ପହଞ୍ଚି ତାଙ୍କ ଆଶୀର୍ବାଦ ନେଇଛନ୍ତି। କୁଲଦୀପଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି ଭିଡିଓରେ ସେ ବାଗେଶ୍ୱର ଧାମ ସରକାରଙ୍କୁ ପ୍ରଣାମ କରି ତାଙ୍କ ଆଶୀର୍ବାଦ



ନେଉଛନ୍ତି। ତେବେ ଗୁରୁ ପୂର୍ଣ୍ଣିମା ଅବସରରେ ବାଗେଶ୍ୱର ଧାମରେ ଜୁଲାଇ ୧୮ରୁ ଜୁଲାଇ ୨୨ ଯାଏ ଏକ ସ୍ୱତନ୍ତ୍ର ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏଥିରେ କୁଲଦୀପ ନିଜ ପରିବାର ସହ ପହଞ୍ଚିଥିଲେ। ପୂର୍ବରୁ ମଧ୍ୟ ଅନେକେ ଥର କୁଲଦୀପ ବାଗେଶ୍ୱର ଧାମ ଯାଇ ଧିରେନ୍ଦ୍ର ଶାସ୍ତ୍ରୀଙ୍କୁ ଭେଟିଥିଲେ।

# ଜୟ ଶାହାଙ୍କୁ ସମାଲୋଚନା କଲେ ପାକ୍ କ୍ରିକେଟର

ନୂଆଦିଲ୍ଲୀ, ୨୩।୭: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ପାକିସ୍ତାନ ଏହାର ଆୟୋଜନକୁ ନେଇ ଖୁସି ଥିବା ବେଳେ ଟିମ୍ ଇଣ୍ଡିଆ। ନ ଯିବା ଏକ ପ୍ରକାର ସ୍ପଷ୍ଟ ବୋଲି କୁହାଯାଉଛି ଏମିତିରେ ପାକିସ୍ତାନର କ୍ରିକେଟର, ବୋର୍ଡ ଏବଂ ଅଧିକାରୀମାନେ ବିବାଦୀୟ ବୟାନ ଦେଉଛନ୍ତି ଏହି କ୍ରମରେ ପାକିସ୍ତାନର ପୂର୍ବତନ କ୍ରିକେଟର ବାସିତ ଅଲି ବିସିସିଆଇ ସଚିବ ଜୟ ଶାହାଙ୍କ ସମାଲୋଚନା କରିବା ସହ ତାଙ୍କୁ ଟାର୍ଗେଟ କରି ଗମ୍ଭୀର ଅଭିଯୋଗ ଆଣିଛନ୍ତି।

ଚାମ୍ପିଅନ୍ସ ଟ୍ରଫି ଲାଗି ପିସିବି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି ଏଥିରେ ଷ୍ଟାଡିୟମର



ନବୀକରଣ ସାମିଲ ଅଛନ୍ତି ହେଲେ ଭାରତ ପାକିସ୍ତାନ ଗସ୍ତ କରିବ କି ନାହିଁ ସେ ନେଇ ସ୍ପଷ୍ଟ ହେଉନାହିଁ ଏହାକୁ ନେଇ ଟୁର୍ନାମେଣ୍ଟ ଯୋଜନା ଉପରେ ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ବିସିସିଆଇର ଚାମ୍ପିଅନ୍ସ ଟ୍ରଫିକୁ ନୂଆ ସ୍ଥାନରେ କରିବାକୁ ନେଇ ଅନୁରୋଧ କରାଯିବାକୁ ନେଇ ବାସିତ ଅଲି କହିଛନ୍ତି, ୫-୬ ବୋର୍ଡ ଅଛି, ଯିଏ ଜୟ ଶାହା କହିଥିବା କଥାକୁ ସହଜରେ ମାନି ନେବେ। ଯଦି ସେ କୁହନ୍ତି ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ହେବ ତେବେ ସେ ସହମତ ହେବେ ଯଦି ସେ କୁହନ୍ତି। ଏହା ହାଇବ୍ରିଡ୍ ମଡେଲରେ ହେଉ ତେବେ ସେଥିରେ ମଧ୍ୟ ସେମାନେ ହଁ କହିବେ। ତେବେ ଏଥିଲାଗି ଶାହା ଆଇପିଏଲ୍‌ରେ ଖେଳାଳିଙ୍କୁ ଅଧିକ ଟଙ୍କା ଦେଇ ପ୍ରମୁଖ କ୍ରିକେଟ ବୋର୍ଡର ସମର୍ଥନ ହାସଲ କରିଥିବା ସେ କହିଛନ୍ତି। ବାସିତ ଆହୁରି ମଧ୍ୟ କହିଛନ୍ତି, ଅନ୍ୟ ଦେଶର ଖେଳାଳି ଭାରତରେ ଆଇପିଏଲ୍ ଖେଳନ୍ତି, ବିସିସିଆଇ ସେମାନଙ୍କୁ ମୋଟା ପାଉଣା ଦେଇଥାଏ। ତେଣିକି ସେ ଇଂରେଜ ବୋର୍ଡ, ନ୍ୟୁଜିଲାଣ୍ଡ ବୋର୍ଡ, ୱେଷ୍ଟଇଣ୍ଡିଜ୍ ବୋର୍ଡ ଅଥବା ଅଷ୍ଟ୍ରେଲିଆ ବୋର୍ଡ ହେଉ ନା କାହିଁକି ?ବୋଲି ସେ କହିଛନ୍ତି ଏବେ ତାଙ୍କର ଏଭଳି ବୟାନ ଭାଇରାଲ ହେଉଛି।

# ବିନ୍ଦ୍ରାଙ୍କୁ ଅଲିମ୍ପିକ ଅର୍ଡର ସମ୍ମାନ

ନୂଆଦିଲ୍ଲୀ, ୨୩।୭: ଅଲିମ୍ପିକ ଆନ୍ଦୋଳନରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଭାରତୀୟ ଶୁଟିଂ କିମ୍ବଦନ୍ତୀ ଅଭିନବ ବିନ୍ଦ୍ରାଙ୍କୁ ଅଲିମ୍ପିକ ଅର୍ଡର ପୁରସ୍କାରରେ ସମ୍ମାନିତ କରିବ। ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବର ଦିନେ ପୂର୍ବରୁ ଅଗଷ୍ଟ ୧୦ରେ ପ୍ୟାରିସରେ ୧୪୨ତମ ଆଇଓସି ଅଧିବେଶନ ବେଳେ ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ ଆଇଓସି ସଭାପତି ଏ ସମ୍ପର୍କିତ ଏକ ଚିଠି ଜୁଲାଇ ୨୦ରେ ବିନ୍ଦ୍ରାଙ୍କ ନିକଟକୁ ପଠାଇଛନ୍ତି। ସୂଚନାଯୋଗ୍ୟ ଏହି ପୁରସ୍କାର ପାଇଁ ଅଲିମ୍ପିକ ଅର୍ଡର୍ସ କାଉନ୍‌ସିଲ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ ଦେଇଥାଏ।

# ଆଇପିଏଲ୍ ଦଳରେ କୋଚ ହୋଇପାରନ୍ତି ଦ୍ରାବିଡ଼

**ନୂଆଦିଲ୍ଲୀ, ୨୪।୭(ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଆଇସିସି ଟି -୨୦ ବିଶ୍ୱକପ ବିଜୟ ସହ ତାଙ୍କ କାର୍ଯ୍ୟକାଳ ଶେଷ କରିଛନ୍ତି। ଟିମ୍ ଇଣ୍ଡିଆ ସହିତ ଏହି ପୂର୍ବତନ ଖେଳାଳିଙ୍କର ଚୁକ୍ତି ଏହି ଟୁର୍ନାମେଣ୍ଟ ପର୍ଯ୍ୟନ୍ତ ଥିଲା। ଆଇସିସି ଦିନିକିଆ ବିଶ୍ୱକପ ଫାଇନାଲରେ ପରାଜୟ ପରେ, ତାଙ୍କ ଚୁକ୍ତି ବିସିସିଆଇ ଦ୍ୱାରା ଟି -୨୦ ବିଶ୍ୱକପ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ଟୁର୍ନାମେଣ୍ଟ ପରେ ସେ ଟିମ୍ ଇଣ୍ଡିଆରୁ ବିଦାୟ ଦେଇଛନ୍ତି। ବର୍ତ୍ତମାନ ସେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ଦଳ ରାଜସ୍ଥାନ ରୟାଲ୍ସ ସହିତ କାମ କରିପାରନ୍ତି। ୨୦୦୮ରେ



ଖେଳାଯାଇଥିବା ପ୍ରଥମ ଆଇପିଏଲ୍ ରାଜସ୍ଥାନ ଜିତିଥିଲା ଟିମ୍ ଇଣ୍ଡିଆରୁ ରାହୁଲ ଦ୍ରାବିଡ ଅଲଗା ହେବା ପରେ ଏବେ ପ୍ରଶଂସକମାନେ ତାଙ୍କ ପରବର୍ତ୍ତୀ ଯୋଜନା ବିଷୟରେ ଜାଣିବାକୁ ଚାହୁଁଛନ୍ତି। ସମସ୍ତେ ଜାଣିବାକୁ ଚାହୁଁଛନ୍ତି ଯେ ସେ ବର୍ତ୍ତମାନ କେଉଁ ଦଳ ସହିତ କାମ କରିବେ ରିପୋର୍ଟ ଅନୁଯାୟୀ ରାହୁଲ ଦ୍ରାବିଡ କୋଚ କିମ୍ବା ମେଣ୍ଟର ଭାବରେ ଇଣ୍ଡିଆନ ପ୍ରିମିୟର ଲିଗକୁ ଫେରିପାରନ୍ତି। ସେ ତାଙ୍କର ପୁରୁଣା ଦଳ ରାଜସ୍ଥାନ ରୟାଲ୍ସରେ ଯୋଗ ଦେଇପାରନ୍ତି। ଏହି ଦଳ ପାଇଁ ଖେଳିଥିବା ରାହୁଲ ଦ୍ରାବିଡ ଦୀର୍ଘ ସମୟ ଧରି ଅଧିନାୟକ ଭାବରେ ଥିଲେ। ବର୍ତ୍ତମାନ ରିପୋର୍ଟରେ କୁହାଯାଇଛି ଯେ ରାଜସ୍ଥାନ ଦଳ ସହ ତାଙ୍କର ଆଲୋଚନା ଚାଲିଛି ଏବଂ ଖୁବ ଶୀଘ୍ର ୫୧ ବର୍ଷୀୟ ରାହୁଲ ଦ୍ରାବିଡ ରାଜସ୍ଥାନ ରୟାଲ୍ସରେ କୋଚ ଭାବେ ଯୋଗ ଦେଇପାରନ୍ତି। ଦ୍ରାବିଡଙ୍କ ଅଧିନାୟକତ୍ୱରେ ଖେଳୁଥିବା ରାଜସ୍ଥାନ ଦଳ ମଧ୍ୟ ପ୍ଲେ ଅଫ୍ ଖେଳିଥିଲା। ସେ ୨୦୧୪ ଏବଂ ୨୦୧୫ ବର୍ଷରେ ଏହି ଦଳ ସହିତ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ଏହି ସିଜନରେ ଦଳ ତୃତୀୟ ସ୍ଥାନ ହାସଲ କରିଥିଲା।

## ଓଡ଼ିଶା କପ୍ ପେନଚାକ୍ ସିଲାଟ୍

# ଝାରସୁଗୁଡ଼ା ବିଜେତା, କେନ୍ଦୁଝର ଉପବିଜେତା

ଭୁବନେଶ୍ୱର, ୨୪।୭: କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଚଳତ ମାସ ୨୦ ଓ ୨୧ ଦୁଇ ଦିନ ଧରି ଆୟୋଜିତ ହୋଇଥିବା ଓଡ଼ିଶା କପ୍ ପେନାଚାକ୍ ସିଲାଟ୍ ପ୍ରତିଯୋଗିତାରେ ଝାରସୁଗୁଡ଼ା ବିଜେତା ହୋଇଥିଲା ବେଳେ ଆୟୋଜକ କେନ୍ଦୁଝର ଉପବିଜେତା ହୋଇଛି। ଝାରସୁଗୁଡ଼ା ୩୩ ସ୍ୱର୍ଣ୍ଣ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ କେନ୍ଦୁଝର ୧୭ ସ୍ୱର୍ଣ୍ଣ, ୫ ରେପ୍ୟ ଓ ୬ କାଂସ୍ୟ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି ଖୋର୍ଦ୍ଧା ୧୦ ସ୍ୱର୍ଣ୍ଣ, ୮ ରେପ୍ୟ ଓ ୫ କାଂସ୍ୟ ପଦକ ଜିତି ତୃତୀୟ ସ୍ଥାନ ଅଧିକାର କରିଥିଲା ଖୋର୍ଦ୍ଧା ଦଳ ନବ କିଶୋର ପାଇକରା, ପ୍ରକାଶ ବେହେରା ଓ ସୁମିତ ନାୟକଙ୍କ



ପ୍ରଶିକ୍ଷଣ ତଥା ତତ୍ତ୍ୱାବଧାନରେ ଅଂଶଗ୍ରହଣ କରି ଏହି ସଫଳତା ଲାଭ କରିଛି।

ଏହି ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଆନନ୍ଦିତା ପାତ୍ର, ପ୍ରକାଶ ବେହେରା, ପ୍ରିଞ୍ଜାଲିନ ତରାଇ, ଶ୍ୟାମ ଧାରୁଆ, ରଞ୍ଜିତ ନାୟକ, ସାନ ଅଲ୍ ନାଜ ଖାନ୍, ଶିବାନୀ ପାତ୍ର, ଦେବେନ୍ଦ୍ର ନାଥ ଧଳ, ହର୍ଷିତା ହରପ୍ରିୟା ଧଳ, ଫର୍ଦିନ ଖାନ୍, ଅନ୍‌ଶୋ ହୋତା, ପି. ଶକ୍ତି ପ୍ରୟାସ, ପଲଭ୍ ମହାନ୍ତି, ସାଗର ନାରାୟଣ ଜେନା, ଅର୍ପିତା ଜାଲି, ତୁଷାର ବେହେରା, ଚନ୍ଦନ ବେହେରା, ଦୋଲମନି ମାଝୀ, ବାବୁ କିଶନ ନାୟକ,ବିଶ୍ୱପ୍ରକାଶ ଜେନା ପ୍ରମୁଖ ଜିତେନ୍ଦ୍ର କୁମାର ରାଉତ ସଫଳତାର ସହ ରେଫରି ଦାୟିତ୍ୱ ତୁଲାଇ ଉଚ୍ଚପ୍ରଶଂସିତ ହୋଇଥିଲେ। ଦଳର ଏହି ସଫଳତା ଲାଗି ଖୋର୍ଦ୍ଧା ଜିଲ୍ଲା ପେନଚାକ୍ ସିଲାଟ୍ ସଂଘ ସଭାପତି ସାରଦା ପ୍ରସନ୍ନ ଦାସ, ଅଧକ୍ଷ ସଚିନ ମହାପାତ୍ର, ସଂପାଦକ ଜିତେନ୍ଦ୍ର କୁମାର ରାଉତ, ନବକିଶୋର ପାଇକରାୟ, ପ୍ରକାଶ ବେହେରା, ଦେବାଶିଷ ସୁନ୍ଦରାୟ, ବିଜ୍ଞନାଥ ସର୍ଣ୍ଣକର ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ